## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**କୁଜଙ୍ଗ, ୨୦।୨ (ଡି.ଏନ୍.ଏ.):** କୁଜଙ୍ଗ ଥାନା ଅଧୀନ ବାଲିତୁଠ ପଞ୍ଚାୟତର ସାନଗବପୁର ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ସୁଶାନ୍ତ ସ୍ୱାଇଁଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ମଧ୍ୟାହ୍ନରେ ସୁଶାନ୍ତଙ୍କ ଘରେ ନିଆଁ ଲାଗି ଘରର ସମସ୍ତ ଆସବାବପତ୍ର ଓ ୨୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ପୋଡ଼ିଯାଇଛି। ନିଆଁ ଲିଭାଇବାକୁ ଉଦ୍ୟମ କରିବା ସମୟରେ ସୁଶାନ୍ତ ଆହତ ହୋଇଛନ୍ତି। ଖବରପାଇ ଏରସମା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସନ୍ଧ୍ୟାରେ ବାଲିତୁଠ ରାଜସ୍ୱ ନିରୀକ୍ଷକ ଅଗ୍ନିକାଣ୍ଡସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରି ଫେରିଛନ୍ତି।

### ଚଣ୍ଡେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାଲିକୁଦା, ୨୦।୨ (ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଥାଇଲୋ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଚଣ୍ଡେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏ ନେଇ ଗ୍ରାମ୍ୟ ପରିବେଶ ଉତ୍ସବମୁଖର ହୋଇଥିବା ବେଳେ ଏହି ଉପଲକ୍ଷେ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଉଛି। ଗତ ମଙ୍ଗଳବାର ଚବିଶ ପ୍ରହର ନାମଯଜ୍ଞ ପାଇଁ କଳସ ଅଧିବାସ କରାଯାଇଥିଲା। ବୁଧବାରଠାରୁ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀଶ୍ରୀ ଚଣ୍ଡେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ କମିଟି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟ ପରିଚାଳିତ ହେଉଥିବା ବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି। ଅଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଏହାର ସୁଯୋଗ ନେଇ ପ୍ରଭୁଙ୍କ ସାନିଧ ଲାଭ କରିବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି।

### ଆଦର୍ଶ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**ବାଲିକୁଦା, ୨୦।୨ (ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଓଚିନ୍ଦା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଆଦର୍ଶ ଶିକ୍ଷକ ଶଙ୍କର ପ୍ରସାଦ ନାୟକଙ୍କ ପରଲୋକରେ ଗୁରୁବାର ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଦାସପୁର ପଞ୍ଚାୟତସ୍ଥିତ ସିଂହାରପୁରଠାରେ ଥିବା ସିଂହାର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ସଂସଦର ସଭାପତି କୈଳାସ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅରୁଣ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ଶିକ୍ଷକ ଡ. ବିଷ୍ଣୁଚରଣ ସ୍ୱାଇଁ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାରିକ, ଧର୍ମାନନ୍ଦ ଦାସ, ଧ୍ରୁବଚରଣ ସାହୁ, ଶରତ ବାରିକ, ହୃଷୀକେଶ ଚୟନୀ, ବାଲିକୁଦା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପୂର୍ବତନ ସଭାପତି ଗନ୍ଧର୍ବ ଚରଣ ସାଉ, ଉପସଭାପତି ପବିତ୍ର ମୋହନ ସାଉ, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ସାମାଜିକ କର୍ମୀ ଦାମୋଦର ରଥ, ନିରଞ୍ଜନ ରାଉତ, ଅଶୋକ ରାଉତ, ନିକୁଞ୍ଜ ବିଶ୍ୱାଳ, ରଞ୍ଜନ ମହାନ୍ତି, ସୁଶ୍ରୀସ୍ମିତା ଦାସ, ପ୍ରଫୁଲ୍ଲ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ କର୍ତ୍ତବ୍ୟନିଷ୍ଠା ଓ ଛାତ୍ର ବତ୍ସଳତା ଉପରେ ଆଲୋକପାତ କରିଥିଲେ। ମନ୍ଦିର ବଡ଼ପଣ୍ଡା ବିଚିତ୍ରା ନନ୍ଦ ପଣ୍ଡା ପ୍ରସାଦ ପରିବେଷଣ କରିଥିଲେ।

# ପିପିଟି-ପିଏଚ୍‌ଓ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

## ଜାହାଜ ନାବିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଖୋଲିଲା ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କେନ୍ଦ୍ର

**ପାରାଦୀପ, ୨୦।୨ (ସ୍ୱ.ପ୍ର.)**

ପାରାଦୀପ ବନ୍ଦରରେ ବିଦେଶୀ ନାବିକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ପ୍ରଥମକରି ପୋର୍ଟ ହେଲ୍‌ଥ ୟୁନିଟ୍ ଆରମ୍ଭ ହୋଇଛି। ଏ ନେଇ ଗୁରୁବାର ପିଏଚ୍‌ଓ (ପୋର୍ଟ ହେଲ୍‌ଥ ଅର୍ଗାନାଇଜେଶନ୍) ଓ ପିପିଟି (ପାରାଦୀପ ପୋର୍ଟ ଟ୍ରଷ୍ଟ) ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଶାନ୍ତ କୁମାର କର ଓ ବନ୍ଦର ସମ୍ପାଦକ ଅଧିକାରୀ ବିଶ୍ୱଜିତ୍ ମିଶ୍ର ଏଥିରେ ଦସ୍ତଖତ କରିଥିଲେ। ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଓ ପୋର୍ଟ ମେଡିକାଲ ସିଏମ୍‌ଓ ଡା. ପ୍ରହ୍ଲାଦ ପଣ୍ଡାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ମଧୁବନ ଭୂୟାଁ ଛକଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନବୀକରଣ କରାଯାଇ ସେହିଠାରେ ପରିଚାଳନା କରାଯିବ। ଏଥିରେ ୪ କକ୍ଷ ରହିଛି। ପୋର୍ଟ ହେଲ୍‌ଥ ଅଫିସର ଏବେ ପ୍ରତ୍ୟେକ ଜାହାଜ ଲାଗିବା ପରେ ତା' ମଧ୍ୟକୁ ଯାଇ ସେଥିରେ ଥିବା ନାବିକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବେ। ଏଥିସହ ସେମାନଙ୍କ ଖାଦ୍ୟ, ଆବର୍ଜନା ସ୍ଥଳ ଦେଖିବେ। ପଣ୍ୟରେ ବେଳେବେଳେ କିଛି ମୃତ ପଶୁପକ୍ଷୀ ଆସିଥାନ୍ତି, ତାକୁ ମଧ୍ୟ ଯାଞ୍ଚ କରିବେ। ଏଥିସହ ବନ୍ଦରାଞ୍ଚଳରେ ଥିବା ହୋଟେଲଗୁଡ଼ିକର ଖାଦ୍ୟ ଯାଞ୍ଚ କରିବେ। କାରଣ ବିଦେଶୀ ନାବିକମାନେ ବେଳେବେଳେ ସ୍ଥଳଭାଗକୁ ଆସିବାବେଳେ ହୋଟେଲରେ ଖାଇଥାନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଏସବୁ ଯାଞ୍ଚ କରାଯିବ। ଯଦି କୌଣସି ବିଦେଶୀ ନାଗରିକଙ୍କ ସ୍ୱାସ୍ଥ୍ୟ ଖରାପ ଥାଏ, ତା' ହେଲେ ତାଙ୍କୁ ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବ ବୋଲି ଡା. କର ସୂଚନା ଦେଇଛନ୍ତି। ଇଣ୍ଟରନ୍ୟାଶନାଲ ହେଲ୍‌ଥ ରେଗୁଲେଶନ ୨୦୦୫ ଅନୁସାରେ ଏହା କରାଯିବା ଅତ୍ୟନ୍ତ ଆବଶ୍ୟକ ଥିଲା ବୋଲି ଅଧ୍ୟକ୍ଷ ରାୟ କହିଛନ୍ତି। ଏହି ଅବସରରେ ଅଧ୍ୟକ୍ଷ ରାୟ ଅନ୍ୟ ଏକ ବଡ଼ ଘୋଷଣା କରିଥିଲେ। ଚଳିତ ଆର୍ଥିକ ବର୍ଷର ଗୁରୁବାର ସୁଦ୍ଧା ପାରାଦୀପ ବନ୍ଦର ତୃତୀୟ ବର୍ଷ ପାଇଁ ୯୯ ମିଲିୟନ୍ ମେଟ୍ରିକ ଟନ୍ ପଣ୍ୟ କାରବାର କରିଛି। ଆଉ ୩ ଦିନ ଭିତରେ ୧୦୦ ଏମ୍‌ଏମ୍‌ଟି ଅତିକ୍ରମ କରିବ। ବର୍ଷ ଶେଷ (ମାର୍ଚ୍ଚ ୩୧) ସୁଦ୍ଧା ୧୨୦ ଏମ୍‌ଏମ୍‌ଟି କାରବାର ହେବ ବୋଲି ଆଶା କରାଯାଉଛି ବୋଲି ଅଧ୍ୟକ୍ଷ ରାୟ କହିଥିଲେ। ଦେଶର ୧୨ଟି ବୃହତ୍ ବନ୍ଦର କ୍ଷେତ୍ରରେ ପାରାଦୀପ ବନ୍ଦର ଲଗାତାର ୩ ବର୍ଷ ହେଲା ଏହି ସଫଳତା ପାଇଛି। ଅନ୍ୟ କେତେକ ବନ୍ଦରରେ ପଣ୍ୟ କାରବାର ସ୍ଥିତି ନକାରାତ୍ମକ ଥିବାବେଳେ ପାରାଦୀପ ବନ୍ଦର କିନ୍ତୁ ୧୦୦ ଏମ୍‌ଏମ୍‌ଟି ଅତିକ୍ରମ କରିବା ଐତିହାସିକ ସଫଳତା ବୋଲି ଅଧ୍ୟକ୍ଷ କହିଛନ୍ତି।



ଚୁକ୍ତି ସ୍ୱାକ୍ଷର ଅବସରରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଶାନ୍ତ କର, ବନ୍ଦର ସମ୍ପାଦକ ଅଧିକାରୀ ବିଶ୍ୱଜିତ୍ ମିଶ୍ର ଓ ଅନ୍ୟମାନେ।

# ଦେଢ଼ ଘଣ୍ଟା ଲେଭଲକ୍ରସିଂରେ ଅଟକି ରହିଲା ଟ୍ରେନ

## ଶାରଳା ରୋଡ୍‌ରେ ଯାନବାହନ ଚଳାଚଳ ଠପ୍

**ତିର୍ତ୍ତୋଲ, ୨୦।୨ (ଡି.ଏନ୍.ଏ.)**

କଟକ-ପାରାଦୀପ ରେଳପଥର ତିର୍ତ୍ତୋଲ ଥାନା ଅଧୀନ ଝଙ୍କଡ଼ ଶାରଳା ରୋଡ ପିଏଚ୍ ନିକଟ ଲେଭଲକ୍ରସିଂଠାରେ ଗୁରୁବାର ଏକ ମାଲବାହୀ ଟ୍ରେନ ଅଟକି ରହିବା ଯୋଗୁ ଦେଢ଼ ଘଣ୍ଟା ଧରି ଏହି ଲାଇନ୍‌ରେ ରେଳ ଚଳାଚଳ ବ୍ୟାହତ ହେବା ସହ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଇଞ୍ଜିନ୍ ଅଚଳ ହୋଇଯିବା ଯୋଗୁ ମାଲ୍‌ବହୀ ଟ୍ରେନ୍‌ଟି ଅଟକି ରହିଥିଲା। ତେବେ ଲୋକମାନେ ଟ୍ରେନ୍ ବଗି ଉପରେ ଚଢ଼ି ଯିବାଆସିବା କରୁଥିବା ଦେଖାଯାଇଥିଲା। ପ୍ରକାଶ ଯେ, ଦିନ ସାଢ଼େ ୧ଟା ବେଳେ ପାରାଦୀପରୁ କଟକ ଅଭିମୁଖେ ଆସୁଥିବା ଏକ ମାଲ୍‌ବାହୀ ଟ୍ରେନ ଯାଉଥିବା ବେଳେ ଜଣେ ଯୁବତୀ ରେଳ ଧାରଣାରେ ମୁଣ୍ଡ ଦେଇ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଏହାକୁ ଦୂରରୁ ଦେଖି ଟ୍ରେନ୍ ଚାଳକ ଜରୁରୀକାଳୀନ ବ୍ରେକ ମାରିଥିଲେ। ଏଥିରେ ଟ୍ରେନର ଇଞ୍ଜିନଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ଟ୍ରେନଟି ଲାଇନ ଉପରେ ରହିଯାଇଥିଲା। ପ୍ରାୟ ଦେଢଘଣ୍ଟା ଧରି ଇଞ୍ଜିନ ସଜଡ଼ା ହେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



# ବିରିଡ଼ି ବ୍ଲକ ଘେରାଉ କଲା ଭାଜପା



ବ୍ଲକ କାର୍ଯ୍ୟାଳୟ ଫାଟକ ଆଗରେ ଭାଜପା କର୍ମୀମାନେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି

**ବିରିଡ଼ି, ୨୦।୨ (ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଗତବର୍ଷ ମେ'ରେ ହୋଇଥିବା ସାମୁଦ୍ରିକ ଝଡ଼ ଫନୀ କ୍ଷୟକ୍ଷତି ବାବଦରେ କ୍ଷତିପୂରଣ ପ୍ରଦାନ କରା ନ ଯିବା ନେଇ ଗୁରୁବାର ଭାଜପା ପକ୍ଷରୁ ବିରିଡ଼ି ବ୍ଲକ ଘେରାଉ କରାଯାଇଥିଲା। ଏହି ଅବସରରେ ବିଡିଓଙ୍କୁ ୭ ଦଫା ଦାବିସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ, ଆବାସ ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା, ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ କରାଯାଇ ଚୟନ ପାଇଁ ପ୍ରତି ପଞ୍ଚାୟତକୁ ପଠାଯିବା, ହିତାଧିକାରୀମାନଙ୍କୁ ରସିଦ୍ ପ୍ରଦାନ କରାଯିବା ସହ ଫନୀ ବାତ୍ୟା କ୍ଷୟକ୍ଷତିର ପ୍ରକୃତ ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ ଗ୍ରହଣ କରିବା ସହ ଆଗାମୀ ଦିନରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଭଜପା ନେତା ପ୍ର. ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବ୍ଲକ ଘେରାଉ କରିବା ସହ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରଣମଣ୍ଡଳ ସଭାପତି ତରୁଣ କୁମାର ଦାସ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଭୂୟାଁ, ନରେନ୍ଦ୍ର ଭୋଇ, ବ୍ରହ୍ମାନନ୍ଦ ଜେନା, ସତ୍ୟ ପଟ୍ଟନାୟକ, ଲକ୍ଷ୍ମୀଧର ସ୍ୱାଇଁ, ସ୍ମୃତିରଞ୍ଜନ ଦାସ, ଦୀନବନ୍ଧୁ ସ୍ୱାଇଁ, ନିରୋଦ ପଟ୍ଟନାୟକ, ଦେବବ୍ରତ ପରିଜା, ପ୍ରିୟରଞ୍ଜନ ମଲ୍ଲିକ, ରୋଜି ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ନବ ନିର୍ମାଣ କୃଷକ ସଙ୍ଗଠନର ସାଙ୍ଗଠନିକ ବୈଠକ

**ବାଲିକୁଦା, ୨୦।୨ (ସ୍ୱ.ପ୍ର.)**

ବାଲିକୁଦ ବ୍ଲକ ନବ ନିର୍ମାଣ କୃଷକ ସଂଗଠନର ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ହରେକୃଷ୍ଣ ବାରିକଙ୍କ ଅଧ୍ୟତାରେ ଅନୁଷ୍ଠିତ ବୈଠକରେ ଜିଲା ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ, ଜିଲା କମିଟି ସଦସ୍ୟ ବାବାଜି ଚରଣ ଜେନା, ବ୍ଲକ ସହ ସଂଯୋଜକ ଅଶୋକ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଗଠନକୁ ମଜଭୁତ କରିବା ଦିଗରେ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଚାଷୀ ସମାବେଶକୁ ସଫଳ କରିବା ଦିଗରେ ଆଲୋଚନା କରାଯାଇଥିଲା। ଏଥିରେ ପ୍ରତ୍ୟେକ ପଞ୍ଚାୟତରୁ ଅଧିକରୁ ଅଧିକ ଚାଷୀ ଯୋଗ ଦେବା ପାଇଁ କୁହାଯାଇଥିଲା। ଅନ୍ୟପକ୍ଷରେ ପ୍ରାଇସ, ପେନ୍‌ସନ ଓ ପ୍ରେଷ୍ଟିଜ, କାଳିଆ ଯୋଜନାରେ ସବୁ ଚାଷୀ ପରିବାରକୁ ସାମିଲ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ପଞ୍ଚାୟତର କାର୍ଯ୍ୟକାରୀ କମିଟି ଗଠନ କରାଯାଇ ସଂଯୋଜକ ଭାବେ ପବିତ୍ର ମୋହନ ସ୍ୱାଇଁ, ସହ ସଂଯୋଜକ ଭାବେ ଉମେଶ ସ୍ୱାଇଁ, ସୁକାନ୍ତ ମହାରଣା, ଶୁଭେନ୍ଦୁ ସ୍ୱାଇଁ, ତ୍ରିଲୋଚନ ମହାନ୍ତି, ସୁରେନ୍ଦ୍ର ବାରିକ ଓ କୋଷାଧ୍ୟକ୍ଷ ଭାବେ ବିନୋଦ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ସେଠୀ, ପ୍ରକାଶ ସ୍ୱାଇଁ, ଜ୍ୟୋତିରଞ୍ଜନ ମହାପାତ୍ର, କ୍ଷୀରୋଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ବେହେରା, ଅଜୟ ଦାସ, ଧ୍ରୁବ ଚରଣ ମନ୍ତ୍ରୀ, ବୀରେନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ସାହୁ, ବିଶ୍ୱନାଥ ଦାସ, କାର୍ତ୍ତିକ ସ୍ୱାଇଁ, ବିଚିତ୍ର ବିଶ୍ୱାଳ, ରାଜକିଶୋର ସାହାଣି, ଦୁର୍ଯ୍ୟୋଧନ ସାହାଣି, ପ୍ରଶାନ୍ତ ବିଶ୍ୱାଳ, ରବୀନ୍ଦ୍ର ନାଥ ଦାସ, ନାରାୟଣ ବେହେରା ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରିଥିଲେ।

# ଶିକ୍ଷକ ସାରାଜୀବନ ପାଇଁ ଶିକ୍ଷାଦାନର ବ୍ରତୀ ହୋଇଥାଏ

**ତିର୍ତ୍ତୋଲ, ୨୦।୨ (ଡି.ଏନ.ଏ.)**

ଶିକ୍ଷକତା ଜୀବନରୁ କେବେହେଲେ ଅବସର ମିଳିନଥାଏ। ଶିକ୍ଷକ ସାରାଜୀବନ ପାଇଁ ଶିକ୍ଷାଦାନରେ ବ୍ରତି ହୋଇଥାଏ ବୋଲି ତିର୍ତ୍ତୋଲସ୍ଥିତ ଆଦିକବି ସାରଳାଦାସ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ରବୀନ୍ଦ୍ରନାଥ ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ବିରଞ୍ଚି ନାରାୟଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଜ୍ଞାନଜ କୁମାର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱାଳଙ୍କ ବୃତ୍ତିଗତ ଜୀବନର କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ କୃଷ୍ଣପ୍ରସାଦ ସାହୁ, ଇଂରାଜୀ ବିଭାଗ ପ୍ରାଧ୍ୟାପିକା ଝରଣା ନାୟକ, ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ କୁଳମଣି ରାଉତ ଓ ପ୍ରଫେସର ହିମାଂଶୁ ଶେଖର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁଜାତା ସ୍ୱାଇଁ, ଦିବ୍ୟସିନୀ ତରାଇ, ପଦ୍ମନାଭ ବେହେରା, ତ୍ରିଲୋଚନ ମଲ୍ଲ, ସମ୍ପିତ କୁମାର ବେହେରା, ଦିପ୍ତିରଞ୍ଜନ ପ୍ରମୁଖ ବିଦାୟୀ ପ୍ରାଧ୍ୟାପକଙ୍କ ସମ୍ପର୍କରେ ନିଜର ଭକ୍ତିଭରା ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବିଦାୟୀ ପ୍ରାଧ୍ୟାପକଙ୍କୁ ଉପଢୌକନ, ମାନପତ୍ର ଓ ଅଙ୍ଗବସ୍ତ୍ର ଦିଆଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଇତିଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ବିଜ୍ଞାନ ବିଭାଗର ପ୍ରଥମ ବାର୍ଷିକ ସମ୍ମାନ

**ପାରାଦୀପ, ୨୦।୨ (ସ୍ୱ.ପ୍ର.)**

ପାରାଦୀପ କଲେଜରେ ସାମାଜିକ ବିଜ୍ଞାନ ବିଭାଗର ପ୍ରଥମ ବାର୍ଷିକ ସମ୍ମାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁପ୍ରେମା କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର୍ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇତିହାସ ବିଭାଗ ଅଧ୍ୟାପକ ଅକ୍ଷୟ ମିଶ୍ର, ନଳିନୀପ୍ରଭା ମହାପାତ୍ର ପ୍ରମୁଖ ଯୋଗଦେଇ 'ମଣିଷ ଏକ ସାମାଜିକ ପ୍ରାଣୀ' ପ୍ରସଙ୍ଗରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ଜ୍ୟୋତିକା ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ।




ସମ୍ମାନରେ କଲେଜ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର

**ତିର୍ତ୍ତୋଲ, ୨୦।୨ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକସ୍ଥିତ ବାୟା ଅବଧୂତ କଲେଜରେ ଯୁକ୍ତ ୨ କଳା ଓ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ୧୨ ଦିନିଆ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ପ୍ରଫେସର ସୁଭାଷ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଭଗବାନ ଚନ୍ଦ୍ର ଦାଶ, ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ପ୍ରତିଦିନ ଆତ୍ମସୁରକ୍ଷା କୌଶଳଗୁଡ଼ିକୁ ଅଭ୍ୟାସ କରିବା ସହ ଆବଶ୍ୟକ ସ୍ଥଳେ ପ୍ରୟୋଗ କରିବା ଓ ସାଙ୍ଗସାଥୀଙ୍କୁ ଏ ବିଷୟରେ ଜଣାଇବାକୁ ପରାମର୍ଶ ଦେଇଥିଲେ। ସଂସ୍କୃତ ଭାଷା ସାହିତ୍ୟ ବିଭାଗ ଅଧ୍ୟାପକ ପୁଷ୍ପକ କୁମାର କରଶର୍ମା ସଂସ୍କୃତ ଭାଷାରେ ବୈଦିକ ଯୁଗର ନାରୀ ଶିକ୍ଷା ଓ ଆଧୁନିକ ଯୁଗର ନାରୀ ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଶାରୀରିକ ଶିକ୍ଷା ଅଧ୍ୟାପକ ଫକୀର ଚରଣ ବାରିକ ବାଳିକା ଆତ୍ମସୁରକ୍ଷାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ରଶ୍ମିତା ବିଶ୍ୱାଳ ଓ ରେଖାରାଣୀ ମଲ୍ଲିକ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ବିବେକାନନ୍ଦ ସିଂହ, ଯୁବ ଖବରଦାତା ରଞ୍ଜନ ଖୁଣ୍ଟିଆ, ଦିଲୀପ କୁମାର ସ୍ୱାଇଁ, ବିକାଶ ରଞ୍ଜନ ମହାନ୍ତି, ମାୟାଧର ସାହୁ, ପ୍ରମୋଦ କୁମାର ଦାଶ, ବିଜୟ କୁମାର ଦାଶ, ପ୍ରମୋଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ବିଭୁସେନ୍ ପତି ଧନ୍ୟବାଦ ଦେଇଥିଲେ।

# ପ୍ରସ୍ତାବିତ ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ରକୁ ବିରୋଧ

## ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ବାଲିଆ, ୨୦।୨**

ବିରିଡି ବ୍ଲକ ହାଜିପୁର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ପ୍ରସ୍ତାବିତ ବର୍ଜ୍ୟବସ୍ତୁ ପୁନରୁଦ୍ଧାର ପାଇଁ ସ୍ଥାୟୀ କେନ୍ଦ୍ର ନିର୍ମାଣକୁ ଗୋପାଳ ସାହିର ଜନସାଧାରଣ ବିରୋଧ କରିବା ସହ ଏ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ରକୁ ଅନ୍ୟ କୌଣସି ସ୍ଥାନରେ କରିବାକୁ ସାହିବାସିନ୍ଦା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଗ୍ରାମର ପୀତାମ୍ବର ବେହେରା, ପ୍ରମୋଦ ବେହେରା, ପଦ୍ମଲୋଚନ ବେହେରା, ଅକ୍ଷୟ କୁମାର ଦାସ, କାହ୍ନୁ ଚରଣ ବେହେରା, ରାମଚନ୍ଦ୍ର ବେହେରା, ସୁଦର୍ଶନ ଦାସ, ସରୋଜ କୁମାର ବେହେରା, ପଦ୍ମନାଭ ଦାସ, ଲକ୍ଷ୍ମୀଧର ଦାସ, ଭାଗ୍ୟଧର ଦାସ, ଗୌରାଙ୍ଗ ଦାସ ପ୍ରମୁଖ କହିଛନ୍ତି ଯେ, ହାଜିପୁର ଗ୍ରାମ ଗୋପଳସାହିର ପ୍ରବେଶ ପଥରେ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ଏହାର ସମ୍ମୁଖ ଭାଗରେ ଅଳିଆ ଆବର୍ଜନା ଗଚ୍ଛିତ ରଖିବା ପାଇଁ ବ୍ୟବସ୍ଥା କରାଗଲେ, ସେଥିରୁ ନିର୍ଗତ ଦୁର୍ଗନ୍ଧ ଗ୍ରାମବାସୀଙ୍କୁ ଅତିଷ୍ଠ କରିବ। ତେଣୁ ପ୍ରସ୍ତାବିତ ସ୍ଥାନରେ ଏହି କେନ୍ଦ୍ର କରା ନ ଯାଇ ଅନ୍ୟତ୍ର କରାଯାଉ ବୋଲି କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବିମଳ ସେଠୀଙ୍କୁ ପଚାରିବାରେ, ପଞ୍ଚାୟତରେ ଖୋଲା ସ୍ଥାନ ଥିଲେ ମଧ୍ୟ ତାହା ଅଧିକ ଦୂର ଓ ସେହି ସ୍ଥାନକୁ ବିଦ୍ୟୁତ ସଂଯୋଗ ନାହିଁ। ଅନ୍ୟପଟେ ସବୁ ଦୃଷ୍ଟିରୁ ସୁବିଧା ପାଇଁ ବର୍ଜ୍ୟବସ୍ତୁ ପୁନରୁଦ୍ଧାର ପାଇଁ ସ୍ଥାୟୀ କେନ୍ଦ୍ର ନିର୍ମାଣ କରିବାକୁ ଉକ୍ତ ସ୍ଥାନ ବଛାଯାଇଛି। ଏହାଦ୍ୱାରା ଜନସାଧାରଣଙ୍କର କୌଣସି ଅସୁବିଧା ହେବନାହିଁ ବୋଲି ସେ କହିଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଅଭିଯୋଗକାରୀମାନେ।

# ବିଲୁଆଖାଇ ସାଇଫନ୍ ପରିଦର୍ଶନ କଲେ ନିର୍ବାହୀ ଯନ୍ତ୍ରୀ

**ବିରିଡି, ୨୦।୨ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜଳସେଚନ ବିଭାଗ ନୂତନ ନିର୍ବାହୀଯନ୍ତ୍ରୀ ପ୍ରମୋଦ କୁମାର ଶତପଥୀ ଗୁରୁବାର ବିରିଡ଼ି ବ୍ଲକ ବିଲୁଆଖାଇ କେନାଲ ସବ୍‌ଡିଭିଜନ ବାଲିଆ ଅଧୀନରେ ଥିବା ମାଛଗାଁ ମୁଖ୍ୟ କେନାଲ ଉପରେ ଚାଲୁଥିବା କାର୍ଯ୍ୟର ତଦାରଖ କରିଛନ୍ତି। ନିର୍ବାହୀଯନ୍ତ୍ରୀ ପ୍ରଥମେ କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ କରୁଥିବା ବ୍ରିଜ, ୩ କିମି ଦୂରତାରେ ହେଉଥିବା ପାଏଲ ବ୍ରିଜ କାମ ତଦାରଖ କରିବା ପରେ ଦଳେଇଘାଇ ସେକ୍ସନ ଅଫିସ ପରିଦର୍ଶନ କରିଥିଲେ। ପରେ ଦଳେଇଘାଇ ନଦୀବନ୍ଧ ପରିଦର୍ଶନ କରିବା ସହ ଅଷ୍ଟଶମ୍ଭୁ ନିକଟରେ ଥିବା ବିଲୁଆଖାଇ ସାଇଫନ ଓ ସେଠାରେ ନିର୍ମାଣ କରାଯାଇଥିବା କ୍ରସ୍ ରେଗୁଲେଟରକୁ ବୁଲି ଦେଖିଥିଲେ। ସାଇଫନ ମୁହଁରୁ ବାଲି ସଫା କରିବା, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମାଛଗାଁ କେନାଲର ଅଷ୍ଟଶମ୍ଭୁ ପାଖରେ ନିର୍ମାଣ କରାଯାଉଥିବା ବ୍ରିଜ ଅତି ମନ୍ଥର ଗତିରେ କରାଯାଉଥିବାରୁ ଏ ନେଇ ବିଭାଗକୁ ଜଣାଇବାକୁ ନିର୍ବାହୀ ଯନ୍ତ୍ରୀ ଶତପଥୀ ସହକାରୀ ନିର୍ବାହୀଯନ୍ତ୍ରୀ ଦଳପତି ମର୍ଦ୍ଦଳଙ୍କୁ କହିଥିଲେ। ପରେ କ୍ରସ୍ ରେଗୁଲେଟର ତଳପଟରେ କରାଯାଉଥିବା ଗାର୍ଡୱାଲକୁ ଦେଖି ତୁରନ୍ତ ଡିଜାଇନରେ ସାମାନ୍ୟ ପରିବର୍ତ୍ତନ କରି ଠିକ୍ ଭାବେ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ବାଲିଆ ପାଖରେ କରାଯାଉଥିବା ସିମେଣ୍ଟ କଂକ୍ରିଟ ରାସ୍ତା ସହ ବାଲିଆ ନିକଟରେ ମାଛଗାଁ କେନାଲ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରୁଥିବା ବ୍ରିଜ ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ପରେ ବିଲୁଆଖାଇ କେନାଲ ସବ୍‌ଡିଭିଜନ ଅଫିସକୁ ଯିବା ସହ ସମସ୍ତ କର୍ମଚାରୀଙ୍କୁ ଠିକ୍ ସମୟରେ ଅଫିସ ଆସିବା ସହ ସ୍ୱଚ୍ଛ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କ ସହ ଦଳେଇଘାଇ ସହକାରୀ ଯନ୍ତ୍ରୀ ସୁବୋଧ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସାଗରିକା ବେହେରା ଓ ଜାଗୃତି ବାରିକ ଉପସ୍ଥିତ ଥିଲେ।



ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଶତପଥୀଙ୍କ ଗସ୍ତ ବେଳେ ବିଭାଗୀୟ ଯନ୍ତ୍ରୀ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ Bhubaneswar, Friday, February 21/2020

## ସଂକ୍ଷେପରେ

### ଖଡ଼ିଅଣ୍ଟା ହାଇସ୍କୁଲରେ ବିଶ୍ୱ ମାତୃଭାଷା ଦିବସ ପାଳିତ



ପଞ୍ଚାମୁଣ୍ଡାଇ,୨୦।୨(ସ୍ୱ.ପ୍ର.): ପଞ୍ଚାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ହାଇସ୍କୁଲରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଧାନଶିକ୍ଷକ ତ୍ରୈଲୋକ୍ୟ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପଦ୍ମନାଭ ଜେନା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଂଘ ସମ୍ପାଦକ ବଳଭଦ୍ର ପ୍ରସାଦ ରାଉତ, ସ୍କୁଲ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ମାତୃଭାଷାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ସସ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ପୁଷ୍ପଲତା ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ଜୟବାଳା ନାରାୟଣୀ ମହାପାତ୍ର, ଅମ୍ବିକା ନାୟକ ମାତୃଭାଷା ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଏ ଦିଗରେ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବହୁ ଶିକ୍ଷାବିତ୍, ଅଭିଭାବକ ତଥା ସାମାଜିକ କର୍ମୀ ଯୋଗ ଦେଇଥିଲେ ।

### ଶିବ ମନ୍ଦିରରେ ଅଭାବନୀୟ ଘଟଣା

# କର୍କଟ ରୋଗରୁ ମୁକ୍ତି ପାଇଁ ଅଧିଆ ପଡ଼ିଥିବା ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ରାଜନଗର,୨୦।୨(ଡି.ଏନ.ଏ.)

କର୍କଟ ରୋଗରେ ପୀଡିତା ଜଣେ ମହିଳା ନିଜର ଆରୋଗ୍ୟ କାମନା କରି ଶିବ ମନ୍ଦିରରେ ଅଧିଆ ପଡିଥିବା ବେଳେ ତାଙ୍କ ପ୍ରତି ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ସଂପୃକ୍ତ ମହିଳା ଜଣକ ଗୁରୁବାର ସନ୍ଧ୍ୟାରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛି । ମହାଶିବରାତ୍ରୀର ଗୋଟିଏ ଦିନ ପୂର୍ବରୁ ଏଭଳି ଅଭାବନୀୟ ଘଟଣା ରାଜନଗର ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି।

ଅଭିଯୋଗ ଅନୁସାରେ, ବୁଧବାର ଭୋର ୪ଟାରୁ ରାଜନଗର ଥାନା କେରେଡାଗଡ ଅଞ୍ଚଳର ଜଣେ ବିବାହିତା ଦଳିତ ମହିଳା କେରେଡାଗଡ ବଡଦାଣ୍ଡ ପାର୍ଶ୍ୱରେ ଥିବା ବରୁଣେଶ୍ୱର ମହାଦେବଙ୍କ ମନ୍ଦିରରେ ଅଧିଆ ପଡିଥିଲେ। ମହିଳା ଜଣଙ୍କ କର୍କଟ ରୋଗରେ ପୀଡିତ ଥିବାରୁ ବରୁଣେଶ୍ୱର ମହାଦେବଙ୍କ କୃପାଲାଭ ପାଇଁ ଏକାକୀ ମନ୍ଦିର ମଧରେ ଅଧିଆ ପଡିଥିଲେ। ତେବେ ବୁଧବାର ରାତି ପ୍ରାୟ ୧୨ଟାରୁ ସାଢେ ୧୨ଟା ମଧରେ ସେହି ଗାଁର ୩ ଜଣ ଯୁବକ ମନ୍ଦିରରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ଏପରି କି ମହିଳା ପିନ୍ଧିଥିବା ଶାଢି କାନିରେ ତାଙ୍କର ପାଟିକୁ ବନ୍ଦ କରି ଟଣାଓଟରା କରିଥିଲେ। ଏହି ସମୟରେ ମହିଳା ଜଣକ କୌଶଳ କ୍ରମେ ସେମାନଙ୍କ

**୨ ଅଟକ , ଜଣେ ଫେରାର**

କବଳରୁ ଖସି ଆସିଥିଲେ। ଏ ନେଇ ସେ ଘରେ ସ୍ୱାମୀ ଓ ଅନ୍ୟମାନଙ୍କୁ ଜଣାଇଥିଲେ। ଗୁରୁବାର ସକାଳେ ଗାଁରେ ଏହି ଘଟଣା ନେଇ ବୈଠକ ବସିଥିଲା। ସନ୍ଧ୍ୟାରେ ସଂପୃକ୍ତ ମହିଳା ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଅଟକ ରଖିଥିବା ୨ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରୁଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଛଢାଉ ଜାରି ରଖିଛି। ଏ ନେଇ ରାଜନଗର ଥାନାରେ ଏକ ମାମଲା ରୁଜୁ ହୋଇଛି । ଏହାର କେସ୍ ନଂ ୪୬/୨୦୨୦।

# ପାଚିକା ସହାୟିକା ସଂଘର ବିକ୍ଷୋଭ

କେନ୍ଦ୍ରାପଡା ଅଫିସ,୨୦।୨

ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର କେନ୍ଦ୍ରାପଡା ଜିଲା କମିଟି ପକ୍ଷରୁ ଗୁରୁବାର ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ

**ଡିଇଓଙ୍କୁ ଦାବିପତ୍ର ପ୍ରଦାନ**

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ଡିଇଓ ସଞ୍ଜୀବ କୁମାର ସିଂହଙ୍କୁ ପ୍ରଦାନ କରାଯାଇଛି । ସଂଘର ଜିଲା ସଭାପତି ସୁହାନା ବେଗମଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭରେ ଗଜେନ୍ଦ୍ର ନାୟକ, ସୌଭାଗିନୀ ପତି, ରମଣୀ ରଞ୍ଜନ ରାଉତରାୟଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ । ୬୦ବର୍ଷ ବୟସ ପରେ ପେନ୍‌ସନ, ସହାୟିକାଙ୍କ ପ୍ରୋତ୍ସାହନ ରାଶି ମାସିକ ୧୪ଶହ ଟଙ୍କାକୁ ତୁରନ୍ତ ବୃଦ୍ଧି କରାଯିବା, ସ୍ୱାସ୍ଥ୍ୟସେବା ଓ ବୀମା ରାଶି ପ୍ରଦାନ ଆଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ୧୦ରୁ ଉର୍ଦ୍ଧ୍ୱ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ।




# ରାମ୍‌କୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଥାନୁଆଳ ଚାମ୍ପିୟନ

ଧର୍ମଶାଳା,୨୦।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ହରିଦାସପୁର-ଥାନୁଆଳ ପଞ୍ଚାୟତସ୍ଥିତ ରାମ୍‌କୋ ସିମେଣ୍ଟ କମ୍ପାନୀ ପକ୍ଷରୁ ବାଟିଜଙ୍ଗା ଖେଳ ପଡ଼ିଆରେ ଚାଲିଥିବା ରାମ୍‌କୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ବାଟୀଜଙ୍ଗାକୁ ୯ ୱିକେଟରେ ପରାସ୍ତକରି ଥାନୁଆଳ ଚାମ୍ପିୟନ ହୋଇଛି। ଫାଇନାଲ୍ ମ୍ୟାଚରେ ବାଟୀଜଙ୍ଗା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭର ମଧ୍ୟରୁ ୧୪.୨ ଓଭରରେ ସମସ୍ତ ୱିକେଟ ହରାଇ ୧୨୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭାଶିଷ ସେନାପତି ୨୮ ଓ ସତ୍ୟସୁନ୍ଦର ମହାରଣା ୨୨ ରନ୍ କରିଥିଲେ। ବିପକ୍ଷ ଥାନୁଆଳ ପକ୍ଷରୁ ସୋମ୍ୟରଞ୍ଜନ ଜେନା ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଥାନୁଆଳ ଟିମ୍ ବ୍ୟାଟିଂ କରି ୮.୧ ଓଭରରେ ୧ୱିକେଟ ହରାଇ ୧୩୦ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜିତେନ୍ଦ୍ର ଜେନା ୬୭ ଓ ଅଜିତ ନାୟକ ୫୧ରନ୍ କରିଥିଲେ। ବିପକ୍ଷ ବାଟୀଜଙ୍ଗା ପକ୍ଷରୁ ସୁଶାନ୍ତ ଗୋଟିଏ ୱିକେଟ ନେଇଥିଲେ। ଖେଳକୁ ଉତ୍ତମ ସାମଲ ଓ ଅମରେଶ ପରିଡ଼ା ପରିଚାଳନା କରିଥିଲେ। ଅରବିନ୍ଦ ସେଠୀ ଓ ସୌମ୍ୟକାନ୍ତ ନାୟକ ସ୍କୋରରେ ସହାୟତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରସନ୍ନ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ଶାହ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ କମ୍ପାନୀ ମୁଖ୍ୟ ଅଜିତ କୁମାର ପାଉଲ ଯୋଗଦେଇ କମ୍ପାନୀ ଖେଳ ପଡ଼ିଆର ଖୁବ ଶୀଘ୍ର ଉନ୍ନତି କରଣ କରିବା ସହ ପ୍ରତିବର୍ଷ ଏହି ଖେଳ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ଅତିଥିଭାବେ କମ୍ପାନୀ ଡିଜିଏମ୍ ପ୍ରତୀକ ରଏ,ଏଚ୍‌ଆର ଡିଜିଏମ୍ ସର୍ବେଶ୍ୱର ମହାପାତ୍ର, ଡିଜିଏମ୍ ପ୍ରଭାତ କୁମାର ସାହୁ, ପିଆରଓ ପିକେ ସିଂ,ଏଜିଏମ୍ ସୁଧାଂଶୁ ମିଶ୍ର ପ୍ରମୁଖ ଯୋଗଦେଇ ବିଜୟୀ ଥାନୁଆଳ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୫୦ହଜାର ଟଙ୍କାର ଚେକ୍ ଓ ବାଟୀଜଙ୍ଗା ଟିମ୍‌କୁ ରନର୍ସ ଅପ ଟ୍ରଫି ସହ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ଟୁର୍ନାମେଣ୍ଟର ଶ୍ରେଷ୍ଠ ବୋଲର ଭାବେ ଆନନ୍ଦ ରାଉତ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଅଲରାଉଣ୍ଡର ଭାବେ ଜିତେନ୍ଦ୍ର ଜେନାଙ୍କୁ ୨୫ଶହ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ରାମ୍‌କୋ କମ୍ପାନୀ ଆଗାମୀ ଦିନରେ ଫୁଟବଲ, ହକି ଟୁର୍ନାମେଣ୍ଟ କରିବା ସହ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବା ପାଇଁ ସ୍ଥିର କରିଛି ବୋଲି ଏହାର ଲୋକସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ସିଂ ସୂଚନା ଦେଇଛନ୍ତ। ଗ୍ରାମ ଉନ୍ନୟନ କମିଟି ଉପସଭାପତି ଦିଲୀପ କର ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆରୁହା ସରପଞ୍ଚ ଓ ହରିଦାସପୁର ସମିତି ସଭ୍ୟ ଯୋଗଦେଇଥିଲେ । ଶେଷରେ ଜିତେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




ରାମ୍‌କୋ କ୍ରିକେଟ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଟ୍ରଫି ସହ ଉଭୟ ଦଳର ଖେଳାଳି ।

# ମାତୃଭାଷା ଦିବସ ପାଳିତ

ରାଜନଗର,୨୦।୨(ଡି.ଏନ.ଏ.)

ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଧକ୍ଷ ଅକ୍ଷୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଏକ ଆଲୋଚନାଚକ୍ର ହୋଇଥିଲା । ଏଥିରେ ଅଧାପକ ବୈକୁଣ୍ଠ ତ୍ରିପାଠୀ, ଡ. ବିକ୍ରମାଦିତ୍ୟ ଦାସ, ପଣ୍ଡିତ ସଚିନ୍ଦ୍ର ପରିଡା, ଅଧାପିକା ତନୁଶ୍ରୀ ମିଶ୍ର, ନିହାର ରଞ୍ଜନ ପରିଡା, ଡ. ଘନଶ୍ୟାମ ମିଶ୍ର, ପଣ୍ଡିତ ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ।

# ଚନ୍ଦ୍ରମୌଳି ପୀଠ ଉତ୍ସବମୁଖର

ରାଜନଗର,୨୦।୨(ଡି.ଏନ.ଏ.)

ମହାଶିବରାତ୍ରି ପାଇଁ ପଞ୍ଚାମୁଣ୍ଡାଇ ବ୍ଲକର ଚନ୍ଦନନଗରସ୍ଥିତ ଚନ୍ଦ୍ରମୌଳି ପୀଠ ଉତ୍ସବମୁଖର ହୋଇପଡିଛି । ଅଞ୍ଚଳର ପ୍ରାଚୀନ ଶୈବପୀଠ ଭାବେ ଏହାର ସୁଖ୍ୟାତି ରହିଛି । ଶୁକ୍ରବାର ମହାଶିବରାତ୍ରିରେ ଭୋର ସାଢେ ୩ ଟାଠାରୁ ଶ୍ରୀ ଚନ୍ଦ୍ରମୌଳିଙ୍କ ନୀତିକାନ୍ତି ଆରମ୍ଭ ହୋଇ ବିଳମ୍ବିତ ରାତିରେ ମହାଦୀପ ଉଠିବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। କିମ୍ବଦନ୍ତୀ ଅନୁସାରେ ପୂର୍ବ କାଳରେ ଏହି ଅଞ୍ଚଳ ସମୁଦ୍ର ଘେର ମଧରେ ରହିଥିଲା। କଲିକତା ବର୍ଦ୍ଧମାନର ରାଜା ପ୍ରତାପ ସିଂ ଦେବ ଏଠିକାର ରାଜାଙ୍କୁ ପରାଜିତ କରି ଏହି ଅଞ୍ଚଳକୁ ତାଙ୍କ ଅଧୀନକୁ ନେଇଥିଲେ। ଏଠାରେ ଥିବା ଦ୍ୱୀପକୁ ନିକଟସ୍ଥ ଅଞ୍ଚଳର ଗୋରୁପଲ ସବୁଦିନ ଚରିବାକୁ ଆସିଥାନ୍ତି । ତେବେ ଦିନକର ଘଟଣା, ଗୋପାଳ ନାମକ ଗଉଡ ଏକ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଗୋରୁପଲ ମଧରୁ ଗୋଟିଏ ଗାଈ ଦ୍ୱୀପର ଏକ ଘଞ୍ଚ ଜଙ୍ଗଲ ମଧରେ ଛିଡା ହୋଇଥିବା ବେଳେ ତା' ଚିରରୁ ଆପେ ଆପେ କ୍ଷୀର ଝରୁଥିଲା। ଏହି ଖବର ଗାଁ ଲୋକଙ୍କୁ ଜଣାଇବା ପରେ ଘଟଣା ରାଜା ପ୍ରତାପ ସିଂ ଦେବଙ୍କ ନଜରକୁ ଆସିଥିଲା । ରାଜା ନିଜେ ଏହି ଘଟଣାକୁ ଦେଖିବା ପରେ ସେ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ। ୫୦ ଫୁଟ ଖୋଳିବା ପରେ ସେଠାରେ ଏକ ବିଶାଳକାୟ ଶିବଲିଙ୍ଗ ଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଖୋଳିବା ସମୟରେ ଅସାବଧାନତା ହେତୁ ଶାବଳ ଆଘାତରେ ଲିଙ୍ଗରୁ ପ୍ରଥମେ କ୍ଷୀର ଝରିଥିଲା। ପରେ ଚନ୍ଦନ ବାସ୍ନା ହୋଇ ସ୍ଥାନଟିକୁ ମହକାଇ ଦେଇଥିଲା। ଚନ୍ଦନ ମିଶ୍ରିତ କ୍ଷୀର ବାହାରୁ ଥିବାରୁ ରାଜା ଏହାକୁ ଚନ୍ଦ୍ରମୌଳି ନାମରେ ନାମିତ କରି ପୂଜା ଅର୍ଚ୍ଚନାର ବ୍ୟବସ୍ଥା କରିଥିଲେ। ପରେ ରାଜା ଯାଜପୁର ଅଞ୍ଚଳରୁ ବ୍ରାହ୍ମଣ ଆଣି ଏଠାରେ ରଖିବା ସହିତ ମହାଦେବଙ୍କ ରକ୍ଷଣାବେକ୍ଷଣ ଓ ସେବାରେ ନିୟୋଜିତ କରିଥିଲେ। ଶୁକ୍ରବାର ମହାଶିବରାତ୍ରିରେ ମନ୍ଦିରର ମୁଖ୍ୟପୂଜକ କୁଳମଣି ବଡପଣ୍ଡା, ପ୍ରଦୀପ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ଶିବ ପ୍ରସାଦ ବଡପଣ୍ଡାଙ୍କ ସମେତ ଅନ୍ୟ ସେବକମାନଙ୍କ ଉପସ୍ଥିତିରେ ପୂଜା ଆରମ୍ଭ କରାଯିବାର କାର୍ଯ୍ୟକ୍ରମ ରହିଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖ ଶାନ୍ତିକୁ ନଷ୍ଟ କରିଦିଏ।
- ସନ୍ଥ ବିନୋବା ଭାବେ



## ସଂକ୍ଷେପରେ

### ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ଏମ୍‌ସିସି ଯାଜପୁର ବିଜୟୀ

**ଧର୍ମଶାଳା,୨୦।୨(ଡି.ଏନ୍.ଏ.):** ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଆନୁକୁଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ୨୩ବର୍ଷରୁ କମ୍ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଏମ୍‌ଟିଏସ୍ ଗୁଲଜାରନଗର ପାଟଣାକୁ ୫୫ରନ୍‌ରେ ପରାସ୍ତ କରି ଏମ୍‌ସିସି ଯାଜପୁର ବିଜୟୀ ହୋଇଛି। ଯାଜପୁର ପ୍ରଥମେ ବ୍ୟାଟିଂ କରି ୪୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୬୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମୋଜାକିର ଅଲ୍ଲୀ ୯୨ ଓ ଅମିନ ଇକ୍‌ବାଲ ୮୮ ରନ କରିଥିଲେ। ବିପକ୍ଷ ଗୁଲଜାର ନଗର ପାଟଣା ପକ୍ଷରୁ କମଲ କିଶୋର ଦୟାଲ ୫ଟି ଓ ସଞ୍ଜୟ କୁମାର ଖୁଣ୍ଟିଆ ୨ଟି ଉଇକେଟ ନେଇଥିଲେ। ଏହାର ଜବାବରେ ଗୁଲଜାର ନଗର ପାଟଣା ବ୍ୟାଟିଂ କରି ନିର୍ଦ୍ଧାରିତ ୪୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୦୬ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସାୱନ ପହରିଆ ୮୧ରନ ଓ ସଞ୍ଜୟ ଖୁଣ୍ଟିଆ ୩୩ ରନ କରିଥିଲେ। ବିପକ୍ଷ ଯାଜପୁର ପକ୍ଷରୁ ଶିବ ସୁନ୍ଦର ଦାସ ୩ଟି ଓ ସତ୍ୟପ୍ରକାଶ ପାଢୀ ୨ଟି ଉଇକେଟ ନେଇଥିଲେ। ମ୍ୟାଚକୁ ଛାୟାକାନ୍ତ ଦ୍ୱିବେଦୀ ଓ ସାରଦା ମହାପାତ୍ର ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସେନାପତି ସ୍କୋରରେ ସହାୟତା କରିଥିଲେ। ଆସନ୍ତାକାଲି ବିସିସି ପାଣିକୋଇଲି ଓ ଏସ୍‌ସିଏ ବାରଗାଡ଼ିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ଆଇଜି ମହିଳା ଡିଗ୍ରୀ କଲେଜରେ ମାତୃଭାଷା ଦିବସ




**ଯାଜପୁର ଅଫିସ,୨୦।୨:** ବ୍ୟାସନଗର ଇନ୍ଦିରା ଗାନ୍ଧୀ(ଆଇଜି) ମହିଳା ଡିଗ୍ରୀ ଆବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ବିଭାଗ ପକ୍ଷରୁ ଗୁରୁବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତକୁମାର ରାଉତଙ୍କ ସଭାପତିତ୍ୱ ଓ ଅଧାପକ ରତ୍ନାକର ଜେନାଙ୍କ ସଂଯୋଜନାରେ ଓଡ଼ିଆ ବିଭାଗର ମୁଖ୍ୟଅଧାପିକା ସୁମିତ୍ରା ରାଉତ, ଅଧାପକ ମଳୟ କୁମାର ମଲ୍ଲିକ ଓ ସମାଜଶାସ୍ତ୍ର ବିଭାଗର ମୁଖ୍ୟ ଅଧାପକ ସନ୍ତୋଷକୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃଭାଷା ଉପରେ ଉପାଦେୟ ବକ୍ତବ୍ୟମାନ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ମାତୃଭାଷା ଉପରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସାବିତ୍ରୀ ପୃଷ୍ଟି, ମୋନାଲିସା ଖିଲାର, ଶୁଭଶ୍ରୀ ସାହୁ ଓ ରୁଚିସ୍ମିତା ରାଉତଙ୍କୁ ପୁରସ୍କୃତ କରାଯାଇଥିଲା।

# ବିନା ଯୋଜନାରେ ଗଢ଼ି ଉଠୁଛି ନିର୍ମାଣ

**ଯାଜପୁର ଅଫିସ,୨୦।୨**

**ଯାଜପୁର ରୋଡ୍ ସହର**

- ହୋଟେଲ, ଶପିଂମଲ୍, ନର୍ସିଂହୋମ୍‌ରେ ରହୁନି ଆବଶ୍ୟକ ନିରାପତ୍ତା ବ୍ୟବସ୍ଥା
- କେଏନ୍‌ଡିଏର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁରରୋଡ ସହରର ଭୌଗୋଳିକ ପରିସୀମା ବଢ଼ିବାରେ ଲାଗିଛି। ଏହିକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଏହି ସହରକୁ ସରସସୁନ୍ଦର ଭାବେ ଗଢି ତୋଳିବାକୁ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦିଆଯାଉଛି। ଅତ୍ୟାଧୁନିକ ଡାକ୍ତରଖାନା, ସପିଂ ମଲ, ରେସିଡେଣ୍ଟସିଆଲ କମ୍ପ୍ଲେକ୍ସ, ହୋଟେଲ, ସୁଇମିଂ ପୁଲ୍ ଆଦି ସୁବିଧା ମଧ୍ୟ ସହରରେ କ୍ରମଶଃ ଗଢି ଉଠୁଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ଏସବୁ ବିନା ଯୋଜନାରେ ଚାଲିଛି। ରାସ୍ତା ପାର୍ଶ୍ୱରେ ବଡ଼ବଡ଼ ସପିଂ ମଲ୍ ନିର୍ମାଣ ଚାଲିଛି। ହେଲେ ଏଥିରେ ପରିମଳ, ଅଗ୍ନି ନିର୍ବାପନ ଭଳି ନିରାପତ୍ତା ବ୍ୟବସ୍ଥା ରହୁ ନାହିଁ କି ପାର୍କିଂ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଏନେଇ ବାରମ୍ବାର ଅଭିଯୋଗ ହେଉଥିବା ସତ୍ତ୍ୱେ କେଏନ୍‌ଡିଏ (କଳିଙ୍ଗନଗର ଉନ୍ନୟନ ପରିଷଦ) କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ଅପରପକ୍ଷରେ ଗୁରୁବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଅଗ୍ନି ନିର୍ବାପନ ବ୍ୟବସ୍ଥା ଓ ପାର୍କିଂ ସମସ୍ୟା ଅଭିଯୋଗରେ ପଟିଆସ୍ଥିତ ବିଗ୍‌ବଜାର ବିଲ୍ଡିଂକୁ ସିଲ୍ କରି ଦିଆଯାଇଛି। ବିଏମ୍‌ସିର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିବାବେଳେ କେଏନ୍‌ଡିଏ ଏଭଳି ପଦକ୍ଷେପ କେବେ ନେଉଛି ତାକୁ ଯାଜପୁରରୋଡ ସହରବାସୀ ଅପେକ୍ଷା କରିଛନ୍ତି।

ପ୍ରକାଶଥାଉ କି, ରାଜ୍ୟର ଅନ୍ୟତମ ପୁରାତନ ସହର ଯାଜପୁରରୋଡକୁ ଏକ ଯୋଜନାବଦ୍ଧ ସହରରେ ପରିଣତ କରିବା ପାଇଁ କେଏନ୍‌ଡିଏ ପ୍ରତିଷ୍ଠା ହୋଇଛି। ସହରର ପୁରୁଣା ଅଞ୍ଚଳକୁ ଯୋଜନାବଦ୍ଧ କରିବା ସମ୍ଭବପର ନ ଥିବାବେଳେ ଅନ୍ତତଃ ସମ୍ପ୍ରସାରିତ ସହର ଯେଭଳି ଠିକ୍ ଭାବରେ ଗଢି ଉଠିବ ତାହାର ପରିଚାଳନା ଦାୟିତ୍ୱ କେଏନ୍‌ଡିଏ ଉପରେ ରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଡେଭଲପ୍‌ମେଣ୍ଟ ଆକ୍ଟ-୧୯୮୨ଅନୁଯାୟୀ ୪।୯।୨୦୧୫ରେ କମ୍ପ୍ରେହେନସିଭ ଡେଭଲପମେଣ୍ଟ ପ୍ଲାନ(ସିଡିପି)କୁ ଅନୁମୋଦନ କରାଯାଇଛି। ୪୫୮.୭୮ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ଏଥିରେ ୧୬୧ଟି ଗ୍ରାମକୁ ସାମିଲ କରାଯାଇଛି। ପ୍ରଥମ ୫ବର୍ଷରେ ୧୨୩୫ କୋଟି ଟଙ୍କା ଓ ୨୦୩୦ସୁଦ୍ଧା ୬୬,୧୩୯କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା ରହିଛି। ହେଲେ କଳିଙ୍ଗନଗର ସହରକୁ ସରସ ସୁନ୍ଦର ସହରାଞ୍ଚଳଭାବେ ଗଢ଼ି ତୋଳିବାକୁ ୭ବର୍ଷ ତଳେ ସରକାର ଦେଇଥିବା ପ୍ରତିଶ୍ରୁତି ଏବେ ପାଣିର ଗାର ପାଲଟିଛି। ପ୍ରସ୍ତାବିତ ଅଞ୍ଚଳରେ ସମ୍ପୃକ୍ତ କୌଣସି ଲୋକ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ ଆନ୍ତରିକତାର ସହ ଆଗ୍ରହ ଦେଖାଉ ନ ଥିବାରୁ ବହୁ ତ୍ରୁଟିପୂର୍ଣ୍ଣ ନିର୍ମାଣ ହୋଇଛି ଏବଂ ଚାଲିଛି। ଚୋର୍ଦ୍ଦାଛକ, ଚୋର୍ଦ୍ଦା ଗୋଲେଇ, ଗୋପବନ୍ଧୁ ଛକ, ବ୍ୟାଙ୍କ ଷ୍ଟ୍ରିଟ, ବସ୍‌ଷ୍ଟାଣ୍ଡ ବାଇପାସ ଆଦି ସ୍ଥାନରେ ନିର୍ମାଣ ହୋଇଥିବା ବଡ଼ବଡ଼ ସପିଂମଲ୍ ହୋଇଛି। ହେଲେ ଏହି ସପିଂମଲ୍ ଚାଲିଥିବା ବିଲଡିଂଗୁଡ଼ିକରେ ପରିମଳ, ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିବା ଓ ପାର୍କିଂ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ସେହିପରି ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କହ୍ନେଇପୁର ନିକଟରେ ଥିବା ୨ଟି ନର୍ସିଂହୋମରେ ମଧ୍ୟ ପାର୍କିଂ ସୁବିଧା ସହ ଅଗ୍ନିନିର୍ବାପକ ବ୍ୟବସ୍ଥା ନାହିଁ। ଗୋପବନ୍ଧୁ ଛକଠାରୁ ଚୋର୍ଦ୍ଦାଛକ ଓ ବସଷ୍ଟାଣ୍ଡ ରାସ୍ତାରେ ମଧ୍ୟ ଗଢିଉଠିଥିବା ବଡବଡ ହୋଟେଲରେ ଏହି ବ୍ୟବସ୍ଥା ନାହିଁ। ଏଭଳି ଅନେକ ଯୋଜନାବିହୀନ ନିର୍ମାଣ ଯାଜପୁରରୋଡରେ ଗଢି ଉଠିଥିଲେ ହେଁ କେଏନ୍‌ଡିଏ ଏକପ୍ରକାର ନୀରବ ରହିବା ପଛର ରହସ୍ୟ ସହଜରେ ବୁଝାପଡୁ ନ ଥିବା ବୁଦ୍ଧିଜୀବୀମହଲରେ ମତପ୍ରକାଶ ପାଇଛି। ଯଦି କୌଣସି ଦୁର୍ଘଟଣା ଘଟିବ ତାହା ନିୟନ୍ତ୍ରଣ କରିବା ଅସମ୍ଭବ ହେବ ବୋଲି କୁହାଯାଉଛି। କେଏନ୍‌ଡିଏରେ ଏକ ପ୍ଲାନିଂ ସେକ୍‌ସନ ରହିଛି। ପ୍ଲାନିଂ ସେକ୍‌ସନ ଗୃହ ନିର୍ମାଣର ନକ୍ସା ମଞ୍ଜୁରୀ ସହ ମଞ୍ଜୁରୀପ୍ରାପ୍ତ ନକ୍ସାରେ ବ୍ୟତିକ୍ରମ ହଟାଇବା କାର୍ଯ୍ୟ କରିଥାଏ। କିନ୍ତୁ ଏଠାରେ କୌଣସି କାର୍ଯ୍ୟ ଠିକ ଭାବେ ହେଉ ନ ଥିବାରୁ ସହର ସାରା ଯୋଜନାବିହୀନ ନିର୍ମାଣ ଗଢ଼ି ଚାଲିଛି। ଏସଂକ୍ରାନ୍ତରେ କେଏନ୍‌ଡିଏର ଭାରପ୍ରାପ୍ତ ସଚିବ ତଥା ଉପଜିଲାପାଳ ନାରାୟଣଚନ୍ଦ୍ର ଧଳଙ୍କୁ ପଚାରିବାରେ ଯେଉଁଠାରେ ବେଆଇନ ନିର୍ମାଣ ହୋଇଛି ତାର ଅନୁଧ୍ୟାନ କରାଯିବ। ଏଥିପାଇଁ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଧଳ କହିଛନ୍ତି।

## ପ୍ରାଣୀଧନ ଚିକିତ୍ସା ଶିବିର

**ସୁକିନ୍ଦା/କାଳିଆପାଣି,୨୦।୨(ଡି.ଏନ୍.ଏ.)**

ସୁକିନ୍ଦା କ୍ରୋମ୍ ଉପତ୍ୟାକାରେ କାର୍ଯ୍ୟ କରୁଥିବା ଇମ୍ଫାର ସାମାଜିକ ଦାୟିତ୍ୱବଦ୍ଧତା ପାଇଁ କାର୍ଯ୍ୟ କରୁଥିବା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ କୁହିକା ପଞ୍ଚାୟତର ବାମ୍ଫିଲୋ ଗ୍ରାମରେ ଗୁରୁବାର ଏକ ପ୍ରାଣୀଧନ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ଜିଲା ପ୍ରାଣୀଧନ ଚିକିତ୍ସକ ସରୋଜ କୁମାର ସାହୁ, ସୁକିନ୍ଦା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରର ଶୁଭେନ୍ଦୁ ରାୟ, ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ପରିଚାଳକ ଜଗନ ମହନ ମଲ୍ଲିକ, ଲୋକ ସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର, କୁହିକା ପଞ୍ଚାୟତର ସରପଞ୍ଚ ସୁବାସିନୀ ପାତ୍ର, ପୂର୍ବତନ ସରପଞ୍ଚ ଦୀପକ କୁମାର ନାୟକ, ମଙ୍ଗୁଳି ପରିଡ଼ା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ୧୨ଶହରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ଛେଳି, ମେଣ୍ଢା, ଗୋରୁଙ୍କ ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷା କରି ଇମ୍ଫା ପକ୍ଷରୁ ମାଗଣା ଚିକିତ୍ସା କରି ଔଷଧ ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସୁକିନ୍ଦା ପ୍ରାଣୀଧନ ନିରୀକ୍ଷକ ବେଣୁଧର ଗୁରୁ, ନକୁଳ ପରିଡା, ମଳୟ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

## ଅଧାପିକାଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ବିଞ୍ଝାରପୁର,୨୦।୨(ଡି.ଏନ୍.ଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ସୟଦପୁର ନିକଟରେ ଗୁରୁବାର ଦିନ ଦ୍ୱିପ୍ରହରରେ ରାଜରାସ୍ତାରେ ସ୍ଥାନୀୟ ଅଞ୍ଚଳର ଜନୈକା ଅଧାପିକାଙ୍କୁ ଅସଦାଚାରଣ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ଗିରଫ ଯୁବକ ଜଣକ ହେଲେ ରାଉତରା ଗ୍ରାମର ବିଶ୍ୱ ବିଜୟ ଦାସ। ବିଜୟ ଗତ ୨ବର୍ଷ ହେଲା ସମ୍ପୃକ୍ତା ଅଧାପିକାଙ୍କୁ ପ୍ରେମ ନିବେଦନ କରିଆସୁଥିଲେ। ଏହାକୁ ଅଧାପିକା ନ ଶୁଣିବାରୁ ତାଙ୍କୁ ବିଭିନ୍ନ ଧମକଚମକ ମଧ୍ୟ ଦେଉଥିଲେ। ଏପରିକି ଏସିଡ ଢ଼ାଳି ମୁହଁ ଜାଳି ଦେବାକୁ ମଧ୍ୟ ଧମକ୍ ଦେଉଥିଲେ। ଗୁରୁବାର ପୂର୍ବାହ୍ନରେ ଅଧାପିକା ଜଣକ ସ୍କୁଟିରେ କଲେଜ ଯାଉଥିବା ବେଳେବିଜୟ ତାଙ୍କ ଗାଡ଼ିକୁ ସାଇଡ ମାରିଥିଲେ। ଫଳରେ ଅଧାପିକା ଜଣକ ରାସ୍ତାରେ ପଡି ଗୁରୁତର ଭାବେ ଆହତ ହୋଇଥିଲେ। ରାସ୍ତାରେ ପଡ଼ିଥିବାବେଳେ ମଧ୍ୟ ବିଜୟ ତାଙ୍କୁ ଧମକ୍ ଦେଇଥିଲେ। ଏହି ସମୟରେ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବିଜୟଙ୍କୁ କାବୁ କରିବା ସହ ଅଧାପିକାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲେ। ପରେ ଏସମ୍ପର୍କରେ ଅଧାପିକା ଜଣକ ବିଞ୍ଝାରପୁର ଥାନାରେ ଅଭିଯୋଗ କରିବାପରେ ପୋଲିସ କାଳ ବିଳମ୍ବ ନ କରି ଅଭିଯୁକ୍ତ ବିଶ୍ୱ ବିଜୟଙ୍କୁ ଗିରଫ କରିଥିଲେ। ଏନେଇ ପୋଲିସ ଆଇପିସି ଦଫା ୩୫୪/୩୦୭/୩୨୩(ଡି)ରେ ଏକ ମାମଲା(ନଂ. ୫୧/୨୦) ରୁଜୁ ଘଟଣାର ତଦନ୍ତ ଜାରି ରଖିଛି।

## ଆମ ସାହିତ୍ୟ ପରିବାରର ସ୍ୱନକ୍ଷତ୍ର ଦିବସ ପାଇଁ ପ୍ରସ୍ତୁତି

**ଯାଜପୁର ଅଫିସ,୨୦।୨**

ବ୍ୟାସନଗର ଆମ ସାହିତ୍ୟ ପରିବାର ପକ୍ଷରୁ ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଆସନ୍ତା ୨୩ତାରିଖ ରବିବାର ବ୍ୟାସଦେବ ଟାଉନହଲଠାରେ ପାଳିତ ହେବ। ଏଥିପାଇଁ ଗୁରୁବାର ଗାୟତ୍ରୀବିହାରସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ଅଲେଖପ୍ରସାଦ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱନକ୍ଷତ୍ର ଦିବସରେ କବିତା ପାଠ, ସାହିତ୍ୟ ଆଲୋଚନା, ସମ୍ବର୍ଦ୍ଧନା ପର୍ବ ଓ ଅନୁଷ୍ଠାନର ମୁଖପତ୍ର 'ଉଦ୍ଭବ' ଲୋକାର୍ପିତ ହେବ ବୋଲି ନିଷ୍ପତ୍ତି ହୋଇଛି। ତେବେ କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ପ୍ରଫେସର ନିରଞ୍ଜନ ପାଢୀ, ବୈଷ୍ଣବଚରଣ ସାମଲ ଓ କୋରେଇ ବିଧାୟକ ଅଶୋକ ବଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା




ପୁରୀ ତୀର୍ଥଯାତ୍ରାରେ ବାହାରିଥିବା ବରିଷ୍ଠ ନାଗରିକ।

**ଚଢେଇଧରା,୨୦।୨(ଡି.ଏନ୍.ଏ.)**

ଧର୍ମଶାଳା କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେସନ ପକ୍ଷରୁ ଗୁରୁବାର ମଧୁପୁରଗଡ, ମହିଶରା, ସଂପାରୁ, ଓକମାଗଡ଼ ପଞ୍ଚାୟତର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ତୀର୍ଥ ଯାତ୍ରାରେ ପୁରୀ ନିଆଯାଇଛି। କଳ୍ପତରୁ ଦାସ ନ୍ୟାଶନାଲ୍ ଫାଉଣ୍ଡେଶନ ପକ୍ଷରୁ ୫୪ ଟି ପଞ୍ଚାୟତର ପିଲାମାନଙ୍କୁ ନେଇ କ୍ରିକେଟ ଖେଳ କରାଯାଇଥିଲା। ପରେ ସବୁ ପଞ୍ଚାୟତରୁ ବରିଷ୍ଠ ନାଗରିକଙ୍କୁ ନେଇ ଜଗନ୍ନାଥ ଦର୍ଶନ କରାଉଛି। ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇ ପତକା ଦେଖାଇ ତୀର୍ଥଯାତ୍ରୀ ବସ୍‌ର ଯାତ୍ରା ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୩ ନଂ ଜିଲ୍ଲାପରିଷଧ ସଭ୍ୟ ନିରନ ରାଉତ ମହିଶରା ସରପଞ୍ଚ ଚକ୍ରଧର ବେହେରା, ସମିତି ସଭ୍ୟ ମଧୁସୁଦନ ବେହେରା, ମଧୁପୁରଗଡ଼ ନାଏବ ସରପଞ୍ଚ ଜଗଦୀଶ ଜେନାମଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ଶଯ୍ୟା ବିଶିଷ୍ଟ ନୂତନ ଗୃହ ନିର୍ମାଣ ପ୍ରସ୍ତାବ

**ଯାଜପୁର ଅଫିସ,୨୦।୨**

**ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଡିଏମ୍‌ଏଫ୍ ପାଣ୍ଠିରୁ ୮କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ

ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ୩୦ଶଯ୍ୟା ବିଶିଷ୍ଟ ଏକ ନୂତନ ବିଲଡିଂ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଢେଙ୍କାନାଳ ପୂର୍ତ୍ତ ବିଭାଗ ସର୍କଲ ପକ୍ଷରୁ ଏକ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଏଥିପାଇଁ ୮କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ୪ସେଟ ବିଶିଷ୍ଟ ଏଷ୍ଟିମେଟ ଯାଜପୁର ଜିଲା ଚିକିତ୍ସାଧିକାରୀଙ୍କୁ ଦିଆଯାଇଛି। ତେବେ ଏହାର ପ୍ରଶାସନିକ ମଞ୍ଜୁର ପାଇଁ ଯାଜପୁର ଜିଲାପାଳଙ୍କ ନିକଟରେ ଏଷ୍ଟିମେଟ ଦାଖଲ କରାଯାଇଛି। ଯାଜପୁର ଜିଲାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫୩ ଓ ୧୬ନମ୍ବର ଜାତୀୟ ରାଜପଥରେ ହେଉଥିବା ବିଭିନ୍ନ ଦୁର୍ଘଟଣାଗ୍ରସ୍ତ ଲୋକ ନିର୍ଭର କରିଥାନ୍ତି। ଏହି ଦୃଷ୍ଟିରୁ ବଡ଼ଚଣା ସିଏସ୍‌ସିର ଉନ୍ନତିକରଣର ଆବଶ୍ୟକତା ରହିଥିବା ନେଇ ସ୍ଥାନୀୟ ଲୋକେ ବହୁବାର ଦାବି କରିଆସୁଛନ୍ତି। ତେବେ ଏଷ୍ଟିମେଟ ମଞ୍ଜୁର ହେବା ପରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ପୂର୍ବରୁ ଏହି ସିଏସ୍‌ସିରେ ୩୨ବେଡ ବିଶିଷ୍ଟ ବିଲଡିଂ ରହିଥିବାବେଳେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ୬୨ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ହୋଇ ପାରିବ। ତେବେ ଶଯ୍ୟା ଅନୁଯାୟୀ ଆବଶ୍ୟକ ବିଶେଷଜ୍ଞ ଡାକ୍ତର, ଟେକ୍ନିସିଆନ, ନର୍ସ ଆଦି ନିଯୁକ୍ତିର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ଡିଏମ୍‌ଏଫ୍ ପାଣ୍ଠିରେ ସ୍ୱାସ୍ଥ୍ୟଗତ ସମସ୍ୟାର ସୁଧାର ଆଣିବାକୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ସୁକିନ୍ଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ରେ ଇଣ୍ଡୋର ୱାର୍ଡ ବିଲଡିଂ ପାଇଁ ୫୦ଲକ୍ଷ ଟଙ୍କା, ସୁକିନ୍ଦା ମ୍ୟାଟରନିଟି ୱେଟିଂ ସେଣ୍ଟର ନିର୍ମାଣ ପାଇଁ ୬୯ ଲକ୍ଷ ଟଙ୍କା, ଡୁବୁରୀ ପିଏଚ୍‌ସି (ନିଉ) ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା, ଗୋବର୍ଦ୍ଧନପୁର ପିଏଚ୍‌ସି (ନିଉ) ପାଇଁ ୨୦ ଲକ୍ଷ ଟଙ୍କା, ଦେଓଗାଁରେ ଏକ ସବସେଣ୍ଟର ନିର୍ମାଣ ପାଇଁ ୪୩ ଲକ୍ଷ ଟଙ୍କା, ଚିଙ୍ଗୁଡିପାଳରେ ସବସେଣ୍ଟର ନିର୍ମାଣ ପାଇଁ ୪୩ ଲକ୍ଷ ଟଙ୍କା, ଦାନଗଦୀ ସିଏଚ୍‌ସିର ମରାମତି ପାଇଁ ୩୯.୯୮ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ୧୪୪ ଧାରା ଅଞ୍ଚଳରେ ରାସ୍ତା ବନ୍ଦ କଲା ପ୍ରଶାସନ

**ଚଢ଼େଇଧରା,୨୦।୨(ଡି.ଏନ୍.ଏ.)**

**ବେଆଇନ କଳାପଥର ଚାଲାଣ ଉପରେ ତହସିଲର ଚଢ଼ାଉ**

ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର କଳାପଥର ଖାଦାନରୁ ପଥର ଚୋରି ହେଉଥିବା ଖବର ପାଇ ଗୁରୁବାର ଧର୍ମଶାଳା ତହସିଲଦାର ପୂର୍ବରୁ ପ୍ରଶାସନ ଜାରି କରିଥିବା ୧୪୪ ଧାରା ଅଞ୍ଚଳର ରାସ୍ତାକୁ ସିଲ୍ କରିଛନ୍ତି। ପୂର୍ବରୁ ପଥର ମାଫିଆ ପ୍ରଶାସନ ଖୋଳିଥିବା ଖାତକୁ ପୋତି ବାଇପାସ୍ ରାସ୍ତା ନିର୍ମାଣ କରି ପଥର ଚାଲାଣ କରୁଥିଲେ। ଏସମ୍ବନ୍ଧରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ତହସିଲଦାର ସରୋଜ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଦଳ ଆସି ଏହି ଚୋରିପଥକୁ ବନ୍ଦ କରିବା ସହ ପୁଣିଥରେ ଖାତ ଖୋଳି ପାହାଡ଼ରୁ ବିଚ୍ଛିନ୍ନ କରିଛନ୍ତି। ପ୍ରକାଶ ଯେ, ଏହି ପାହାଡ଼ର ୯ନଂ ଓ ୩ନଂ ସୈରାତ ଲିଜ୍ ହୋଇ ନାହିଁ। ଏହି ସୈରାତରେ ରାହାଡ଼ପୁର ପାହାଡ଼ର ସର୍ବାଧିକ ଖାଦାନ ରହିଛି। ତେବେ ବେଆଇନ ଭାବେ ଚୋରାରେ ଖାଦାନଗୁଡ଼ିକ ଚାଲୁଥିବା ଖବର ପାଇ ଜିଲା ପ୍ରଶାସନ ଏହି ଖାଦାନ ଗୁଡ଼ିକରୁ ଜେସିବି ମେଶିନରେ ରାସ୍ତା ସହ ବିଚ୍ଛିନ୍ନ କରିଥିଲେ। ଏଥିସହ ଏହି ଅଞ୍ଚଳରେ ୧୪୪ଧାରା ଜାରି କରି ସବୁଦିନ ପାଇଁ ଯେପରି ମାଫିଆ ପାହାଡରେ ପ୍ରବେଶ କରିବେ ନାହିଁ ସେଥିପାଇଁ ରାସ୍ତାରେ ଟ୍ରେଞ୍ଚ ଖୋଳିଥିଲେ। ତେବେ ଦିନ କିଛିର ଅନ୍ତରରେ ପଥର ମାଫିଆ ତହସିଲଦାରଙ୍କ ଅଗୋଚରରେ ଉକ୍ତ ଖାତପୋତି ରାସ୍ତା କରି ପଥର ଉଠାଇଥିଲେ। ଫଳରେ ପାଇକରାପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତର ଦେଇ ପଥର ବୋଝେଇ ହାଇୱାଗୁଡିକ ଯାତାୟତ କରୁଥିଲା। ଏବେ ତହସିଲ୍ ପକ୍ଷରୁ ପୁଣି ଉକ୍ତ ରାସ୍ତାକୁ ବନ୍ଦ କରାଯାଇଥିବାରୁ ପଥର ମାଫିଆଙ୍କ ମଧ୍ୟରେ ପ୍ରଶାସନ ପ୍ରତି ଭୟ ସଞ୍ଚାର ହୋଇପାରିଛି। ଏ ସମ୍ପର୍କରେ ଧର୍ମଶାଳା ତହସିଲଦାରଙ୍କୁ ପଚାରିବାରେ ପଥର ଚୋରିକୁ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ। ମାଫିଆଙ୍କ ବିରୋଧରେ ଠିକଭାବେ ପ୍ରମାଣ ମିଳୁ ନ ଥିବାରୁ ସେମାନେ ବର୍ତ୍ତି ଯାଉଛନ୍ତି ବୋଲି ପଣ୍ଡା କହିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରରେ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

**ସୁକିନ୍ଦା,୨୦।୨(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ସୁକିନ୍ଦା ବ୍ଲକ ବିଡିଓ ବିଶ୍ୱଜିତ ଦାସ, ସୁକିନ୍ଦା ବ୍ଲକ ଚେୟାରମ୍ୟାନ ପଦ୍ମାବତୀ ଜେନା, ୩୮ନମ୍ବର ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣଲତା ମଲ୍ଲିକ, ଯାଜପୁର ଡିଏସ୍‌ଏସ୍‌ଓ ମନୋଜ କୁମାର ରଥ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୯୮, ମେଡିସିନ୍ ବିଭାଗରେ ୪ ଜଣଙ୍କ ସହ ଭିଜୁଆଲ୍ ଇମ୍ପାକ୍ଟରେ ୨୮, ଏମ୍‌ଆର ବିଭାଗରେ ୨୦, ଇଏନ୍‌ଟି ବିଭାଗରେ ୩୧ଜଣଙ୍କ ସହିତ ବସ୍ ପାସ ନିମନ୍ତେ ୨୧ଜଣ ଆବେଦନ କରିଥିଲେ। ସେହିପରି ଡାଏରୀ ଲୋନ୍‌ରେ ୬, ଏମ୍‌ବିପିୱାଇଡିପିରେ ୩୧, ହୁଇଲ ଚେୟାର ନିମନ୍ତେ ୪ଜଣ , ଟ୍ରାଇସାଇକେଲ ନିମନ୍ତେ ୬ଜଣ, ବ୍ଲାଇଣ୍ଡ ଷ୍ଟିକ୍ ନିମନ୍ତେ ଜଣେ ଆବେଦନ କରିଥିଲେ। ଶିବିରରେ ଜିଲାରେ କାର୍ଯ୍ୟରତ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଅନୁପ କୁମାର ନାଥ ଶର୍ମା, ଚକ୍ଷୁ ବିଭାଗର ଅନୁପ କୁମାର ସାମଲ, ଆଖି-ନାକ-ଗଳା ବିଭାଗର ଡାକ୍ତର ଅସିତ କୁମାର ବିଶ୍ୱାଳ, ମେଡିସିନ୍ ବିଭାଗର କୁମାର ମହମ୍ମଦ, ମାନସିକ ବିଭାଗର ସୋନାଲି ସାହୁ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ନିୟୋଜିତ ହୋଇଥିଲେ। ସେହିପରି ଟ୍ରାଇ ସାଇକେଲ ପାଇଁ ଆବେଦନ କାରୀ ୧୭ ଜଣ କରିଥିବା ବେଳେ ପ୍ରଶାସନ ପକ୍ଷରୁ ୬ଜଣଙ୍କୁ ପ୍ରଦାନ କରାଯାଇଥିଲା। ହୁଇଲ ଚେୟାର ପାଇଁ ୧୬ ଜଣ ଆବେଦନ କରିଥିବାବେଳେ କେବଳ ଚାରି ଜଣଙ୍କୁ ପ୍ରଦାନ କରାଯାଇଛି। ୱାକିଙ୍ଗ ଷ୍ଟିକ ଜଣଙ୍କୁ ପ୍ରଦାନ କରାଯାଇଛି। ଶିବିରରେ ୧୮୧ଜଣ ଆବେଦନକାରୀ ଯୋଗ ଦେଇଥିଲେ। ଉକ୍ତ ଶିବିରକୁ ସୁକିନ୍ଦା ବ୍ଲକର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଗାଁ ମୁରବି ସାମାଜିକ କର୍ମୀଙ୍କ ବିୟୋଗରେ ଶୋକସଭା

**ଧର୍ମଶାଳା,୨୦।୦୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତସ୍ଥିତ ଗଣେଶ ମଣ୍ଡପଠାରେ କୁମାରୀ ଗ୍ରାମର ଗାଁ ମୁରବୀ ଓ ସମାଜସେବୀ ଭଗବାନ ରାୟଙ୍କ ବିୟୋଗରେ ଏକ ଶୋକସଭା ପଣ୍ଡିତ ସୁଦର୍ଶନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଗାଁ କମିଟି ସଭ୍ୟ ଅମର ମହାନ୍ତି, ବୁଦ୍ଧିଜୀବୀ ଫୋରମ ସମ୍ପାଦକ ସୁନାକର ସାହୁ, କବି ବ୍ରଜବନ୍ଧୁ ଶତପଥୀ, ବ୍ରଜକିଶୋର ଦାଶ, ବେଣୁଧର ଦାସ, ମୁଗୁପାଳ କଲେଜ ପ୍ରାକ୍ତନ ଅଧକ୍ଷ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାୟଙ୍କ ସ୍ମୃତିଚାରଣ କରି ତାଙ୍କ କର୍ମମୟ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ।

## ମହିଳା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବିଞ୍ଝାରପୁର,୨୦।୨(ଡି.ଏନ୍.ଏ.)**




ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୟଦପୁରସ୍ଥିତ ବ୍ରଜସୁନ୍ଦର ଜୁନିୟର କଲେଜଠାରେ ମହିଳା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। କଲେଜର ଅଧକ୍ଷ ଉମାକାନ୍ତ ସାମଲଙ୍କ ସଭାପତିତ୍ୱରେ ଉଦ୍‌ଯାପନ କାର୍ଯ୍ୟକ୍ରମରେ ବିରଜା ମହିଳା ମହାବିଦ୍ୟାଳୟର ଅଧକ୍ଷ ଅଖିଳ ରଞ୍ଜନ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ମହିଳା ଆତ୍ମସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ମଧୁସୂଦନ ଧଳ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ବିଜୟ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ଏହି ଶିବିରକୁ ଦେବେନ୍ଦ୍ର ପତି, ପ୍ରସନ୍ନ କୁମାର ବାରିକ, ଶ୍ରୀଧର ନାଥ, ନିରଞ୍ଜନ ପାତ୍ର, ମୁକୁନ୍ଦ ମଲ୍ଲିକ, ଦେବସ୍ମିତା ଦାସ, ସ୍ମୃତିରେଖା ଲେଙ୍କା, ଉର୍ମିଳା ମଲ୍ଲିକ ପ୍ରମୁଖ ଯୋଗଦେଇ ମହିଳା ଆତ୍ମସୁରକ୍ଷା ତାଲିମ ଉପରେ ଗୁରୁତ୍ୱାରୋପ କରିଥିଲେ। ଆତ୍ମ ସୁରକ୍ଷା କୌଶଳ ଯୋଜନାର ଅବାହକ ମୁରାରିପ୍ରସାଦ ମହାନ୍ତିଙ୍କ ସୁପରିଚାଳନାରେ ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଭାଗ ନେଇଥିବାବେଳେ ଏମାନଙ୍କୁ ପ୍ରଶିକ୍ଷିକା ଇନ୍ଦ୍ରାଣି ହାଲଦାର, ପ୍ରଜ୍ଞାପରମିତା ଜେନା, ଜ୍ୟୋତ୍ସ୍ନା ନନ୍ଦ ଗତ ୩ତାରିଖରୁ ପ୍ରଶିକ୍ଷଣ ଦେଇ ଆସୁଥିଲେ। ଶେଷରେ ଅଧ୍ୟାପିକା ପାର୍ବତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ ଘଟଣା: ୨ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ନୟାଗଡ ଅଫିସ,୨୦।୨: ନୟାଗଡ଼ ଅତିରିକ୍ତ ଜିଲା ଜଜ୍ ଉଦୟ ଭାନୁ ଜେନାଙ୍କ କୋର୍ଟରେ ଗୁରୁବାର ୨ ଗଞ୍ଜେଇ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ହୋଇଛି । ବିହାର ରଘୁନାଥପୁରର ରାଜୁ କୁମାର ଖୁସୁୱା ଓ ଅନୁଗୋଳ ତୁମୁଡିର ସଞ୍ଜୀବ କୁମାର ଦେଉରିଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦେୟ ୬ମାସ ଅଧିକ ଜେଲଦଣ୍ଡ ଆଦେଶ ରହିଛି। ପ୍ରାପ୍ତ ସୂଚନା ଅନୁସାରେ ଦଶପଲ୍ଲାରୁ ଭୁବନେଶ୍ୱରକୁ ଏକ କାର ଯୋଗେ ୨୦୧୬ ନଭେମ୍ବର ୧୯ରେ ଗଞ୍ଜେଇ ଚାଲାଣ ହେଉଥିଲା। ଖବର ପାଇ ନୟାଗଡ ଟାଉନ ଥାନା ପୋଲିସ ପିଛା କରି ଥାନା ନିକଟରୁ କାର ସହ ୪୩ କେଜି ଗଞ୍ଜେଇ ଜବତ କରିଥିଲା। ଏହାସହ କାରରେ ଥିବା ବିହାର ରଘୁନାଥପୁରର ରାଜୁ କୁମାର ଖୁସୁୱା, ଢେଙ୍କାନାଳ ଦୁରୁକୋଟର କାମାକ୍ଷ ପ୍ରସାଦ ବେହେରା, ଅନୁଗୋଳ ତୁମୁଡିର ସଞ୍ଜୀବ କୁମାର ଦେଉରି ଓ ଅନୁଗୋଳ ହାକିମିପଡାର ବେଣୁଧର ସାହୁଙ୍କୁ ଗିରଫ କରିଥିଲା। ଏ ନେଇ ୨୦୩/୧୬ରେ ମାମଲା ରୁଜୁ କରାଯାଇ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନେ ଜେଲରେ ଥିଲେ। ତେବେ କାମାକ୍ଷ ଓ ବେଣୁଧର ଜାମିନରେ ଯାଇଥିଲେ ମଧ ଆଉ ଫେରି ନ ଥିବାରୁ ସେମାନଙ୍କ ନାଁରେ ୱାରେଣ୍ଟ ଜାରି ହୋଇଛି। ସରକାରୀ ଓକିଲ ଅନୱାର ମଲ୍ଲିକ ମକଦ୍ଦମା ପରିଚାଳନା କରୁଥିଲେ।

# ସମ୍ପାଦକ ନିଲମ୍ବିତ, ଡିଇଓ ବହିଷ୍କୃତ

**ନୟାଗଡ ଅଫିସ,୨୦।୨**

- ଖମାରସାହି ଧାନ କିଣା ଦୁର୍ନୀତି
- କୋଅପରେଟିଭ୍ ଇନ୍ସପେକ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ୍

ନୟାଗଡ଼ ବ୍ଲକ ଖମାରସାହି ପ୍ରାଥମିକ କୃଷି ସମବାୟ ସମିତିରେ ଧାନ କିଣାରେ ଚଞ୍ଚକତା କରି ଚାଷୀଙ୍କୁ ଠକିବା ସମିତି ସମ୍ପାଦକଙ୍କ ପାଇଁ ମହଙ୍ଗା ପଡିଛି। ଜିଲାପାଳ ଡା. ପୋମା ଟୁଡୁ ସମିତି ସମ୍ପାଦକ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ନିଲମ୍ବନ କରିଥିବାବେଳେ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ସୁରେଶ କୁମାର ମାର୍ଥାଙ୍କୁ ବହିଷ୍କୃତ କରିଛନ୍ତି। ସେହିଭଳି ନୟାଗଡ଼ ବ୍ଲକ ଦାୟିତ୍ୱରେ ଥାଇ ଧାନକିଣାର ମନିଟରିଂ କରୁଥିବା କୋଅପରେଟିଭ ଇନ୍ସପେକ୍ଟର ଜ୍ୟୋତିର୍ମୟୀ ଲେଙ୍କାଙ୍କୁ ଜିଲାପାଳ କାରଣଦର୍ଶାଅ ନୋଟିସ କରିଛନ୍ତି। ଅନ୍ୟପକ୍ଷେ ୧୦ଜଣ ଚାଷୀଙ୍କ ନାଁରେ ଯେଉଁ ଅଭିଯୋଗ ହୋଇଥିଲା ସେଥିରୁ କେବଳ ଜଣେ ଚାଷୀ ୬୯ କୁଇଣ୍ଟାଲ ୧୬ କେଜି ଧାନ ବିକ୍ରି କରିଛନ୍ତି । ଅନ୍ୟ ୯ଟି ନାଁ ଫେକ ବୋଲି ଜଣାପଡିଥିବା ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଜିଲା ଯୋଗାଣ ଅଧିକାରୀଙ୍କ ସୂଚନା ଅନୁସାରେ ଯେଉଁ ବ୍ୟକ୍ତି ଚଞ୍ଚକତା କରି ଧାନ ବିକ୍ରି କରିଛନ୍ତି ତାଙ୍କୁ ଜିଲାପାଳ ଡକାଇଛନ୍ତି। ତାଙ୍କ ସହ ଆଲୋଚନା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ। ଚଞ୍ଚକତା କରି ନେଇଥିବା ଧାନ କିଣା ଟଙ୍କା ଫେରସ୍ତ ଅଣାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଖମାରସାହି ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଭାଟସାହି ପଞ୍ଚାୟତର ପଙ୍କାଳସାହି, ଭାଟସାହି, ବରଦ୍ୱାର ମୌଜାର ଚାଷ ଜମି ମାଲିକଙ୍କ ଅଗୋଚରରେ ୧୦୦ ଏକର ଜମିରୁ ୧୮ ଲକ୍ଷ ଟଙ୍କାର ଧାନକିଣାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଜମି ମାଲିକଙ୍କ ସମ୍ପର୍କୀୟ ଦର୍ଶାଇ ଏହି ଦୁର୍ନୀତି କରାଯାଇଥିଲା। ଏହି ଅନିୟମିତତା ୧୦ଜଣଙ୍କ ନାଁରେ ହୋଇଥିଲା। ତେବେ ଚାଷୀଙ୍କ ମତାମତ ନେବା ପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସ୍କାମ ହୋଇଥିବା ଜଣାପଡିଥିଲା। ଏପରିସ୍ଥଳେ ଅନିୟମିତତାରେ ସମ୍ପୃକ୍ତ ଥିବା ଲୋକଙ୍କ ନାମ ଓ ଠିକଣା ମଧ ଜମି ମାଲିକ ପ୍ରମାଣ ସ୍ୱରୂପ ଜିଲାପାଳଙ୍କୁ ଦେଇଥିଲେ। କାଜୁ ଜଙ୍ଗଲ, ପରିତ୍ୟକ୍ତ ଜମି, ଫସଲ ହେଉ ନ ଥିବା ଜମିକୁ ଜାଲିଆତି କରି ଧାନ ବିକ୍ରିର ଅଭିଯୋଗ ଥିଲା।

### ଇଟାମାଟି ସମିତି ସମ୍ପାଦକଙ୍କୁ ନୋଟିସ୍

ଇଟାମାଟିର ଗୋପୀନାଥ ଜୀଉ, ନାରାୟଣୀ ଠାକୁରାଣୀ, ଜଗନ୍ନାଥ ଜୀଉ, ବେହେରାସାହି ରାଧାକାନ୍ତ ଜୀଉଙ୍କ ଜମିକୁ ପଞ୍ଜୀକରଣ କରି ଧାନ ବିକ୍ରି ଅଭିଯୋଗର ତଦନ୍ତ ଦାୟିତ୍ୱ ନୟାଗଡ ଏଆର୍‌ସିଏସ୍‌ଙ୍କୁ ଦିଆଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଏସବୁ ଜମିର ଧାନ ଠାକୁରଙ୍କ କାର୍ଯ୍ୟରେ ବିନିଯୋଗ ହେଉଥିବାବେଳେ କିଛି ବ୍ୟବସାୟୀ ଚଞ୍ଚକତା କରି ସମ୍ପାଦକଙ୍କ ଜରିଆରେ ଧାନ ବିକ୍ରି କରୁଥିବା ଅଭିଯୋଗ ରହିଛି। ଏ ନେଇ ଏଆର୍‌ସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, ନୟାଗଡର ଉପସହକାରୀ ନିବନ୍ଧକ ହାଡୁବନ୍ଧୁ ମହାକୁଡଙ୍କୁ ଇଟାମାଟି ଧାନକିଣା ଦୁର୍ନୀତିର ତଦନ୍ତ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ସମିତି ସମ୍ପାଦକଙ୍କୁ ନୋଟିସ୍ ଜାରି ହୋଇଛି। ସେ ଆସନ୍ତା ମଙ୍ଗଳବାର ଉତ୍ତର ରଖିବେ।

### ବଡ ଚାଷୀ ପାଉନାହାନ୍ତି ଟୋକନ

ସରକାରଙ୍କ ଟୋକନ ବ୍ୟବସ୍ଥା ବଡଚାଷୀଙ୍କୁ ଅଡୁଆରେ ପକାଇଛି। ଧାନ ବିକ୍ରି କ୍ଷେତ୍ରରେ ଛୋଟ ଚାଷୀ ଉପକୃତ ହେଉଛନ୍ତି। ହେଲେ ବଡ ଚାଷୀ ହଟହଟା ହେଉଛନ୍ତି । ଟୋକନ ପାଇବା ପାଇଁ ବାରମ୍ବାର ଧାନମଣ୍ଡିକୁ ଯାଇ ଫେରୁଛନ୍ତି। ଏ ନେଇ ଓଡଗାଁ ବ୍ଲକ ନନ୍ଦିଘୋରର ଶ୍ରୀକାନ୍ତ ଖଟେଇ କୁହନ୍ତି, ଆମ ପରି ବଡ ଚାଷୀମାନେ ଧାନ ବିକ୍ରି କରି ନ ପାରି ହଇରାଣ ହେଉଛୁ । ଏହି ସମସ୍ୟା ଜିଲାରେ ଲାଗି ରହିଛି । ଧାନ ବିକ୍ରି କେବେ ହେବ ଚିନ୍ତା ଲାଗୁଛି । ବାରମ୍ବାର ବ୍ୟବସାୟୀ ଦ୍ୱାରକୁ ଆସି ଧାନ ବିକ୍ରି କରିବାକୁ କହୁଛନ୍ତି। କ'ଣ କରିବୁ ଜାଣି ପାରୁନୁ।

### ଧାନକିଣାରେ ନୟାଗଡ଼ ପଛୁଆ

ଧାନ କିଣାରେ ନୟାଗଡ଼ ପଛୁଆ ରହିଛି। ଫେବୃୟାରୀ ମାସର ଅଧା ଶେଷ ହେଲାଣି, ଅଥଚ ପ୍ରଥମ ପର୍ଯ୍ୟାୟ ଧାନ କିଣା ଶେଷ ହେଉନି। ଧାନକିଣା ଠିକ୍‌ରେ ହେଉନି ବୋଲି ବିଭିନ୍ନ ଧାନମଣ୍ଡିରୁ ଅଭିଯୋଗ ଆସିଛି। ସରକାରୀ ରିପୋର୍ଟରୁ ମଧ ଧାନକିଣାରେ ବିଳମ୍ବ ହେଉଥିବା ଜଣାପଡିଛି। ମାର୍ଚ୍ଚ ୩୧ ଧାନକିଣାର ଶେଷ ତାରିଖ ରହିଛି। ଜିଲା ଯୋଗାଣ ଅଧିକାରୀଙ୍କ ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଜିଲାରେ ଧାନ କିଣା ଟାର୍ଗେଟ ଥିଲା ୯ ଲକ୍ଷ ୯୪ ହଜାର କୁଇଣ୍ଟାଲ। ତେବେ ବୁଧବାର ସୁଦ୍ଧା ୮ ଲକ୍ଷ ୧୬ ହଜାର କୁଇଣ୍ଟାଲ ଧାନ କିଣା ଶେଷ ହୋଇଥିବା କହିଛନ୍ତି । ଅବଶିଷ୍ଟ ଧାନ କିଣିବା ପାଇଁ ଚାଷୀଙ୍କୁ ଟୋକନ ଦେବାକୁ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ଧାନ କିଣାଯାଇ ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଶେଷ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ୨ୟ ପର୍ଯ୍ୟାୟ ଧାନ ଟାର୍ଗେଟ ୩ଲକ୍ଷ ୬୭ ହଜାର ୬୪୭ କୁଇଣ୍ଟାଲ ମଗାଯାଇଛି। ଟାର୍ଗେଟ ଆସିବା ପରେ ପୁଣି ଧାନ କିଣାଯିବ।

## ମହାଶିବରାତ୍ରି: ଉତ୍ସବମୁଖର ଶରଣକୁଳ ଲଡୁବାବାଙ୍କ ପୀଠ



ଲଡୁବାବାଙ୍କ ପୀଠ।

**ନୟାଗଡ ଅଫିସ,୨୦।୨**

ରାତି ପାହିଲେ ମହାଶିବରାତ୍ରି। ଏଥିଲାଗି ଉତ୍ସବମୁଖର ହୋଇଉଠିଛି ନୟାଗଡ଼ ଜିଲାର ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠ। ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ। ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ଲଡୁବାବାଙ୍କ ଦର୍ଶନ କରିବେ ସେଥିପାଇଁ ଲୁହା ବାରିକେଟ ବ୍ୟବସ୍ଥା ହୋଇଛି। ମହାଦ୍ୱୀପ ଉଠିବା ସମୟରେ ଠାକୁର ବେଢ଼ା ପରିକ୍ରମା କରିବା ପାଇଁ ୬ଫୁଟ ଓସାରରେ ଚାରିପଟ ଚିହ୍ନିତ କରାଯାଇଛି । ମନ୍ଦିର ରଙ୍ଗ କାର୍ଯ୍ୟ ଶେଷ ହୋଇଥିବାବେଳେ ଯାତ୍ରା ପଡିଆରେ ମାଟି ପକାଯାଇ ସମତୁଲ କରାଯାଇଛି। ଜାଗର ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ୩ ଇନ୍ସପେକ୍ଟର, ୬ ସବ୍ ଇନ୍ସପେକ୍ଟର, ୭ ଏଏସ୍‌ଆଇ, ହୋମଗାର୍ଡ ୪୦, ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

## ଲଙ୍କାପୋଡ଼ି ଯାତ୍ରା କମିଟିର କର୍ମକର୍ତ୍ତା ନିର୍ବାଚନ

ଦଶପଲ୍ଲା,୨୦।୨(ଡି.ଏନ୍.ଏ.): ଦଶପଲ୍ଲାସ୍ଥିତ ଶ୍ରୀ ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଉତ୍ସବ ୨୧୮ ବର୍ଷରେ ପଦାର୍ପଣ କରୁଛି। ଏଥିନିମନ୍ତେ ଯାତ୍ରା କମିଟି ନୂତନ କର୍ମକର୍ତ୍ତା ନିର୍ବାଚନ ଓ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ନୂତନ କର୍ମକର୍ତ୍ତାମାନେ ହେଲେ ସ୍ଥାୟୀ ସଭାପତି ସ୍ଥାନୀୟ ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡି, ଉପସଭାପତି ସୂର୍ଯ୍ୟମଣି ଦାଶ ଓ ପ୍ରଦୋଷ କୁମାର ଜେନା, ସମ୍ପାଦକ ପରେଶ କୁମାର ସିଂ, ସହ ସମ୍ପାଦକ ଗଙ୍ଗାଧର ଦାଶ, କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ସହଯୋଗୀ ବାଲୁଙ୍କି ପରିଡ଼ା। ପରାମର୍ଶଦାତା କମିଟିରେ ଲୋକ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ରହିଛନ୍ତି। ଯାତ୍ରାର କାର୍ଯ୍ୟସୂଚୀ ଅନୁଯାୟୀ, ଆଗାମୀ ଏପ୍ରିଲ ୨ରେ ଶ୍ରୀରାମ ଜନ୍ମ, ୩ରେ ତାଡ଼କା ବଧ, ଶିବ ଧନୁ ଭଗ୍ନ, ୪ରେ ବିବାହ, ପର୍ଶୁରାମ ଭେଟ, ୫ରେ ଗଣ୍ଡାବଧ, ୬ରେ ଶ୍ରୀରାମ ବନବାସ, ଭରତ ମିଳନ, ବିରାଧ୍ୟ ବଧ, ୭ରେ ବେଢ଼ା ପରିକ୍ରମା ସୀତା ହରଣ, ୮ରେ ଶ୍ରୀରାମ ବିଳାପ, ଶବରୀ ମୋକ୍ଷ, ୧୦ରେ ବାଳିବଧ, ସୁଗ୍ରିବ ଅଭିଷେକ, ୧୧ରେ ସୀତା ଠାବ, ସେତୁ ବନ୍ଧ ପ୍ରତିଷ୍ଠା, ରାବଣ ଛତ୍ର ଛେଦନ, ୧୨ରେ କୁମ୍ଭକର୍ଣ୍ଣ ବଧ, ନାଗଫାସ ବନ୍ଧନ, ୧୪ରେ ଲଙ୍କାପୋଡ଼ି ଯାତ୍ରା, ୧୫ରେ ଶ୍ରୀରାମ ଅଭିଷେକ ଉତ୍ସବ ଅନୁଷ୍ଠିତ ହେବ।

# ଅପରାଧ ନିୟନ୍ତ୍ରଣରେ ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ**

**ଗଣିଆ,୨୦।୨(ଡି.ଏନ.ଏ.)**

ନୟାଗଡ଼ ଜିଲା ପୋଲିସ ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ଗଣିଆ ଥାନା ଛାମୁଣ୍ଡିଆ ପଞ୍ଚାୟତର ମହୁକଣ ଗ୍ରାମଠାରେ ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୋଲିସ ସବୁ ସମୟରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ ରହିଛି । ଅସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରହିବା ସହ ପୋଲିସକୁ ଭୟ ନ କରି ବିଭିନ୍ନ ସମୟରେ ଅଞ୍ଚଳର ଆପରାଧିକ ସମସ୍ୟା ସମ୍ପର୍କରେ ସୂଚନା ଦେଇ ସହଯୋଗ କଲେ ଅଞ୍ଚଳରେ ଘଟୁଥିବା ଅପରାଧକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ । ତେବେ ସମାଜରେ ଘଟୁଥିବା ଅପରାଧ ନିୟନ୍ତ୍ରଣରେ ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ । ଏସଡିପିଓ ପୋଲିସ ଜନ ସମ୍ପର୍କ ମୈତ୍ରୀ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ଏସଡିପିଓ ଶ୍ରୀନିବାସ ମହାନ୍ତି ,ସମ୍ମାନିତ ଅତିଥି ଭାବେ ଆଡକଟା ସରପଞ୍ଚ ବୀରକିଶୋର ଜେନା, ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନସ୍ପେକ୍ଟର ସୂର୍ଯ୍ୟକାନ୍ତ ପୃଷ୍ଟି, ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଓ ଏଏସ୍‌ଆଇ ବାଳକୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଡାକ୍ତର ଦେବାଶିଷ ଦାଶଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବିତରଣ କରିଥିଲେ । ସ୍ଥାନୀୟ ଅଞ୍ଚଳର ୩ଟି ମାତୃମଣ୍ଡଳୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ଏହି ଦଳଗୁଡିକୁ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା । ସେହିପରି ଅଞ୍ଚଳର ୬ଟି ଭଲିବଲ୍ ଟିମ୍‌କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର, ମଶାରି, ଛତା ଓ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍କୁଲବ୍ୟାଗ ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଅଞ୍ଚଳର ବୁଦ୍ଧିଜୀବୀ ଓ ଗ୍ରାମ ମୁଖିଆମାନଙ୍କୁ ପୋଲିସ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଞ୍ଚାୟତର ଛାଡ଼ମୂଳ, ମହୁକଣ, ଭଗାମୁଣ୍ଡା, ବୁଟୁବୁରେଇ, ରାଇଗାଡିଆ ଆଦି ନିକଟସ୍ଥ ଗ୍ରାମରୁ ତିନି ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ ।



ମହିଳା ମଣ୍ଡଳକୁ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଉଛି।

## ରାଇସ୍ ମିଲ୍‌ରେ ଟ୍ରକ ଚାପାରେ ଶ୍ରମିକ ମୃତ

**ନୟାଗଡ ଅଫିସ/ ରଣପୁର,୨୦।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ଶୁଭଲକ୍ଷ୍ମୀ ରାଇସ୍ ମିଲରେ ଗୁରୁବାର ଭୋରରେ ଅଘଟଣ ଘଟିଛି । ଟ୍ରକ ଚାପାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିନ୍ତାମଣି ବରାଳ(୪୩), ଘର ରଣପୁର ଥାନା ଗଡଡିଆପଡା ଗାଁରେ। ଖବର ପାଇ ରଣପୁର ଥାନା ରାଜସୁନାଖଳା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ୪୮/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି । ଡ୍ରାଇଭର କୈଳାସ ପଣ୍ଡା ଗିରଫ ହୋଇ ଜାମିନରେ ଯାଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଚିନ୍ତାମଣି ସିକ୍ୟୁରିଟି ଭାବେ କାମ କରୁଥିବାବେଳେ ଓଆର୦୨ଆର-୮୯୭୧ ନଂ.ର ଟ୍ରକ ପଛ ପାଖରୁ ଆସି ତାଙ୍କ ଉପରେ ମାଡି ଯାଇଥିଲା। ମିଲ୍ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଚିନ୍ତାମଣିଙ୍କୁ ଗାଡି ଧକ୍କା ଦେଇଛି ନାଁ ଜାଣିଶୁଣି ତାଙ୍କ ଉପରେ ଟ୍ରକ ମଡାଯାଇଛି ତାହା ତଦନ୍ତସାପେକ୍ଷ ବୋଲି ଚର୍ଚ୍ଚା ହେଉଛି।

## ବାଉଁଶ ବୋଝେଇ ଶଗଡ଼ ଜବତ



ଜବତ ବାଉଁଶ ବୋଝେଇ ଶଗଡ଼।

**ଓଡ଼ଗାଁ,୨୦।୨(ସ୍ୱ.ପ୍ର.)**

ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ବନପାଳ ଜ୍ୟୋତିରଞ୍ଜନ ମାନସିଂ ସଦଳବଳ ନିକଟସ୍ଥ ଜଙ୍ଗଲରେ ଚଢାଉ କରି ବାଉଁଶ ବୋଝେଇ ଶଗଡ ଜବତ କରିଛନ୍ତି । ପ୍ରାୟ ୫୦ କଣ୍ଡା ବାଉଁଶ ଏକ ପୋଡୁଅ ହଳ ଶଗଡରେ ଆସୁଥିବା ବେଳେ ସେ ତାହାକୁ ଜବତ କରି ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଏଥିରେ ସମ୍ପୃକ୍ତ ଶଗଡିଆ ସହିତ ଅନ୍ୟ ଜଣଙ୍କୁ ଅଟକ ରଖାଯାଇଛି। ସ୍ଥାନୀୟ ରାଧାକାନ୍ତ ମଠ ନିମନ୍ତେ ଶଗଡିଆ ବାଉଁଶ ଆଣୁଥିବା କହୁଥିବା ବେଳେ ଏ ନେଇ ସେମାନେ କୌଣସି ଅନୁମତି ନେଇ ନ ଥିବା ବନପାଳ ପ୍ରକାଶ କରିଛନ୍ତି। ଏପରି କି ସେ ବାଉଁଶ କାଟିବାକୁ ଅନୁମତି ଦେଇପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

## ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାଙ୍କ ଶାଖା ଖୋଲିବା ଦାବି

**ଖଣ୍ଡପଡ଼ା,୨୦।୨(ସ୍ୱ.ପ୍ର.)**

ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଥିବା କଣ୍ଟିଲୋ ଅଞ୍ଚଳ ଶ୍ରୀନୀଳମାଧବ ଜୀଉ ଓ କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି । ଫଳରେ ପ୍ରତ୍ୟହ ଶତାଧିକ ଯାତ୍ରୀ ଓ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ଏବଂ ବ୍ୟବସାୟ ଲକ୍ଷ୍ୟରେ ଏଠାକୁ ଆସିଥାନ୍ତି । ତା' ଛଡ଼ା କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ସରକାରୀ ଚାକିରିଆ ଓ ପେନ୍‌ସନଧାରୀ ବ୍ୟକ୍ତି ପ୍ରତି ମାସରେ ସେମାନଙ୍କ ପ୍ରାପ୍ୟ ନିମନ୍ତେ ବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି । କଣ୍ଟିଲୋରେ ଥିବା ଏକମାତ୍ର ଜାତୀୟକରଣ ୟୁକୋ ବ୍ୟାଙ୍କ ଉପରେ ସମସ୍ତଙ୍କୁ ନିର୍ଭର କରିବାକୁ ପଡୁଛି। ତେବେ କଣ୍ଟିଲୋଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଶାଖା ଖୋଲାଯିବାକୁ ସାଧାରଣରେ ଦାବି ହେଉଛି ।

## ରାଜ୍ୟସ୍ତରୀୟ ଖଣ୍ଡପଡ଼ା କପ ଫୁଟବଲ: ବିଡ଼ାନାସୀ ବିଜୟୀ

**ଖଣ୍ଡପଡ଼ା, ୨୦।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଖଣ୍ଡପଡ଼ା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ୫ମ ଦିବସରେ ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୩ କ୍ଲବ ଭୁବନେଶ୍ୱରକୁ ବିଡାନାସୀ ଫୁଟବଲ କ୍ଲବ କଟକ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି । ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ସଂଘର୍ଷପୂର୍ଣ୍ଣ ଖେଳର ଦ୍ୱିତୀୟାର୍ଦ୍ଧରେ ବିଡ଼ାନାସୀ ଦଳର ରେଣ୍ଟା ମୁର୍ମୁ ଗୋଟିଏ ଗୋଲ ସ୍କୋର କରିଥିଲେ। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ପ୍ରସନ୍ନ ନାୟକ ଓ ଜ୍ୟୋତି ରଞ୍ଜନ ସ୍ୱାଇଁ ତାଙ୍କୁ ଲାଇନରେ ସହାୟତା କରିଥିଲେ । କ୍ରୀଡ଼ା ଶିକ୍ଷକ ସମୀର ଖୁଣ୍ଟିଆ ୪ର୍ଥ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଓ ଶିକ୍ଷାବିତ୍ ପଞ୍ଚାନନ ମିଶ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ସୂଚନା ଯୋଗ୍ୟ, ଗୁରୁବାର ମ୍ୟାଚ ପାଇଁ ନିର୍ଦ୍ଧାରିତ ହୋଇଥିବା ମଙ୍ଗଳା କ୍ଲବ କଟକ ଓ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ ଅସୁବିଧାବଶତଃ ମ୍ୟାଚରେ ଯୋଗଦେଇ ପାରି ନ ଥିବାରୁ ଉପରୋକ୍ତ ଟିମ ଖେଳରେ ଭାଗ ନେଇଥିଲେ । ତେବେ ଶୁକ୍ରବାର ମଙ୍ଗଳା କ୍ଲବ କଟକ ଓ ପାରାଡାଇଜ କ୍ଲବ ଜଟଣୀ ପରସ୍ପରକୁ ଭେଟିବେ ବୋଲି ଆୟୋଜକ ଟିମ୍‌ର ସଭାପତି ଭିକାରୀ ଖଣ୍ଡାୟତ ଓ ମହେନ୍ଦ୍ର କୁମାର ବାରିକଙ୍କଠାରୁ ପ୍ରକାଶ।



ଅତିଥିଙ୍କ ସହ ଖେଳାଳି।

# ଖରା କାକରରେ ମଣ୍ଡିରେ ପଡ଼ିଛି ଧାନ

**ମିଲର ଅପେକ୍ଷାରେ ଚାଷୀ**

**ନୟାଗଡ ଅଫିସ,୨୦।୨**

ଖରା କାକରରେ ମଣ୍ଡିରେ ପଡିରହିଛି ଧାନ। କେଉଁଠି ଦୁଇଦିନ ତ ଆଉ କେଉଁଠି ୩ଦିନ ହେଲା ଚାଷୀ ଧାନବସ୍ତା ଜଗି ରହିଛି। ହେଲେ ମିଲରଙ୍କ ଦେଖା ମିଳୁନି। ଏଭଳି ଅବ୍ୟବସ୍ଥା ଜିଲାର ବିଭିନ୍ନ ଧାନ ମଣ୍ଡିରେ ଦେଖା ଦେଇଛି। ଏଠାରେ ନୟାଗଡ଼ ବ୍ଲକ ଇଟାମାଟି ପ୍ରାଥମିକ କୃଷି ସମବାୟ ସମିତିରେ ଚାଲିଥିବା ଧାନମଣ୍ଡିକୁ ଉଦାହରଣ ଭାବେ ନିଆଯାଇ ପାରେ। ଜିଲା ସଦର ମହକୁମା ନିକଟରେ ଏଭଳି ଅବ୍ୟବସ୍ଥାର ସମାଧାନ ହୋଇପାରୁ ନ ଥିବାବେଳେ ଜିଲାର ଉପାନ୍ତ ଅଞ୍ଚଳରେ ଚାଷୀ କିପରି ଅସୁବିଧା ଭୋଗୁଥିବେ ତାହା ସହଜରେ ଅନୁମେୟ।

### ସମ୍ପାଦକ ବଦଳିବା ଦରକାର

ଗୋଟିଏ ଗୋଟିଏ ସମବାୟ ସମିତିରେ ସମ୍ପାଦକ ଦୀର୍ଘବର୍ଷ ରହୁଥିବାରୁ ଦୁର୍ନୀତି ବଢୁଛି। ଧାନକିଣାରେ କେଳେଙ୍କାରୀ ଚାଲିଥିଲେ ମଧ ଏହାର ସମାଧାନ ହୋଇପାରୁନି। ଅଢ଼େଇ ଏକର ଜମିରୁ ୫୫ ବସ୍ତା ଧାନ ଆଦାୟ ହୋଇଛି। ହେଲେ ଏହାକୁ ବିକ୍ରି କରିପାରୁନି। ମିଲର ଧାନ କିଣିବାକୁ ଅଖା ଦେଇଛନ୍ତି। ମଣ୍ଡିକୁ ଧାନଆଣି ଜଗି ରହିଛି। ସେହିପରି ଗତବର୍ଷ ଧାନ ବିକିବାକୁ ଆସିଥିଲି। ହେଲେ ମୋତେ ସୁଯୋଗ ମିଳିଲାନି। ଶେଷରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କଲି। ଅଭିଯୋଗ କଲେ ଆମ ଉପରେ ରାଗ ରଖି ହଇରାଣ କରୁଛନ୍ତି।



**ବିଜୟ ବେହେରା**, ଚାଷୀ, ଗଉଡସାହି, ଇଟାମାଟି



ଇଟାମାଟି ମଣ୍ଡିରେ ଚାଷୀଙ୍କ ଧାନ ମହଜୁଦ ରହିଛି।

### ୩ଦିନ ହେଲା ଅପେକ୍ଷା

ମୋବାଇଲକୁ ମେସେଜ ଆସିଲା ଧାନ ମଣ୍ଡିକୁ ଆଣ। ୧୯ ତାରିଖରେ ମେସେଜ ଆସିବା ପରେ ସେହିଦିନ ମଣ୍ଡିକୁ ଧାନ ଆଣିଛି। ହେଲେ ମିଲରଙ୍କ ଦେଖାନାହିଁ। ସରକାରୀ ଦରରେ ଧାନ ବିକ୍ରି କରିବାକୁ ୩ ଦିନ ହେଲା ଅପେକ୍ଷା କଲୁଣି। ଦେଖାଯାଉ କେବେ ଆମଠାରୁ ମିଲର ଧାନ କିଣୁଛନ୍ତି।



**ବସନ୍ତ ପୃଷ୍ଟି**, ଚାଷୀ, ପ୍ରଧାନସାହି, ଇଟାମାଟି

### ଅଭିଯୋଗ କେହି ଶୁଣୁ ନାହାନ୍ତି

ଏଠାରେ ୨ ଜଣ ମିଲର ଧାନ କିଣୁଛନ୍ତି। ପ୍ରଥମେ କିଛିଦିନ ଭଲରେ ଧାନ କିଣିଲେ। ପରେ ମିଲର ମନଇଚ୍ଛା କାରବାର କରୁଛନ୍ତି। ଧାନମଣ୍ଡି ପାଇଁ ଉଦ୍ଦିଷ୍ଟ ବାରରେ ଆଉ ମିଲର ଆସୁନାହାନ୍ତି। ବୁଧବାର ଏଠାରେ ଧାନ କିଣିବାର ଥିଲା। ହେଲେ ଗୁରୁବାର ହେଲାଣି, ମିଲରଙ୍କ ଦେଖା ନାହିଁ। ଫୋନ କଲେ ଉତ୍ତର ମିଳୁଛି, ଅପେକ୍ଷା କରିଥାନ୍ତୁ ଆମେ ଯାଉଛୁ। ଚାଷୀ ସମସ୍ୟା ବୁଝିବାକୁ କେହି ନାହାନ୍ତି।



**ଦୀପକ ନାୟକ**, କୃଷକ ସଙ୍ଗଠନ ସଭାପତି, ଇଟାମାଟି

### ମଣ୍ଡିରେ ମିଳୁନି ସର୍ବନିମ୍ନ ସୁବିଧା

୪ ଏକର ଜମି ଚାଷକରି ୧୦୦ ବସ୍ତା ଧାନ ପାଇଛି। ହେଲେ ବିକିବାର ସୁବିଧା ପାଉନି। ମଣ୍ଡିକୁ ଆସିଲେ ପିଇବାକୁ ପାଣି ମଳୁନି। ଖରା କାକରରୁ ରକ୍ଷା ପାଇଁ ଧାନ ଉପରେ ଘୋଡାଇବାକୁ ପଲିଥିନ ମିଳୁନି। ବସିବାର ମଧ ସୁବିଧା ନାହିଁ। ଚାଷୀଙ୍କୁ ସର୍ବନିମ୍ନ ସୁବିଧା ନ ଦେଇ ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସ ବୋଲି କୁହାଯାଉଛି।



**ଭିକାରୀ ଲେଙ୍କା**, ଚାଷୀ, ଇଟାମାଟି

### ଟୋକନ ମିଳୁନି, ଧାନ ଧରି ବସିଛି

ମୋର ୪ ଏକର ଓ ସେବା ସୂତ୍ରରେ ୫ଏକର ଏପରି ମୋଟ ୯ ଏକର ଜମି ରହିଛି। ଟୋକନ ପାଇବା ପାଇଁ ୧ମାସରୁ ଊର୍ଦ୍ଧ୍ୱ ହେବ ଆବେଦନ କରିଛି। ହେଲେ ଟୋକନ ମିଳୁ ନ ଥିବାରୁ ଧାନ ବିକିପାରୁନି। ମୋ ଭାଇ ଚାଷ କରିନି। ସେ କିନ୍ତୁ ଧାନ ବିକ୍ରି କରିବାର ସୁବିଧା ପାଇ ସାରିଲାଣି। ଜମି ପାଇଁ ସାର ମଧ ପାଇଛି। ହେଲେ ମୋ ପାଇଁ ସରକାରୀ ସୁବିଧା ସାତସପନ।



**ଶରତ ଚନ୍ଦ୍ର ମହାପାତ୍ର**, ଚାଷୀ, ଖଟେଇସାହି, ଇଟାମାଟି

### ତାଲା ପକାଇ ଚାଲିଗଲେ କର୍ମଚାରୀ

ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ସମ୍ପାଦକ ଚାଲିଗଲେ। ଏହା ପରେ ଇଟାମାଟି ପ୍ରାଥମିକ କୃଷି ସମବାୟ ସମିତିରେ ତାଲା ଝୁଲିଲା। ଚାଷୀ ଧାନ ବିକ୍ରି କରିବାକୁ ଆସି ଜମା ହୋଇ ରହିଥିଲେ। ଅଧିକାଂଶ ଚାଷୀ କହିଥିଲେ ଏହା ନିତିଦିନିଆ ସମସ୍ୟା। ସମିତି ସବୁବେଳେ ଖୋଲେନି। ଆମେ ସମିତି ସମ୍ପାଦକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ। ହେଲେ ସେ ଆମକୁ କିଛି ନ କହି ଏଡାଇ ଯାଇଥିଲେ।

ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କୁ ପଚାରିବାରୁ ସେ ଇଟାମାଟି ପ୍ରାଥମିକ କୃଷି ସମବାୟ ସମିତିରେ ଧାନ କିଣାରେ ଯେଉଁ ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ହେଉଛି ତାହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

